### ମକା ଫସଲ ଉଜାଡୁଛନ୍ତି ବାର୍‌ହା

# ପାଳିକରି ରାତିସାରା କ୍ଷେତ ଜଗୁଛନ୍ତି ଚାଷୀ

ଆସିକା,୮ ।୧୨(ସମିସ)



ମକା ଚାଷ କରି ପରିବାର ପ୍ରତିପୋଷଣ କରିବାକୁ ଆଶା ରଖିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ଜଙ୍ଗଲୀ ବାର୍‌ହାଙ୍କ ଦାଉରୁ କିଭଳି ଫସଲ ସୁରକ୍ଷା ଦେବେ ତାହା ଭାବିବାକୁ ସମୟ ପାଉନାହାନ୍ତି ଚାଷୀ। ଆସିକା ବ୍ଲକ୍‌ର କେନ୍ଦୁପଦର, ମଣ୍ଟାପଡ଼ା, ଖଣ୍ଡଦେଉଳି, କର୍ଣ୍ଣୁଲି ଓ ଚେରମାରିଆ ସମେତ ଅନେକ ଅଞ୍ଚଳ ବିଭିନ୍ନ ରକମର ମକା ଚାଷ ପାଇଁ ଜିଲ୍ଲାରେ ଖ୍ୟାତି ଅର୍ଜନ କରିଛି। ତେବେ ଫସଲ ଅମଳବେଳେ ଜଙ୍ଗଲୀ ବାରହା ସାଙ୍ଗକୁ, କିରା ଓ ମାଙ୍କଡ଼ ଉପଦ୍ରବ କରୁଛନ୍ତି। ଫଳରେ ଏହି ଅଞ୍ଚଳର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଆଉ ଏହି ସବୁ ଜଙ୍ଗଲୀ ଜୀବଜନ୍ତୁଙ୍କ ଦାଉରୁ ଫସଲ ସୁରକ୍ଷା ଲାଗି ଚାଷୀ ଏବେ ପାଳି କରି ରାତିସାରା ଜଗି ରହୁଛନ୍ତି। ବାରହାକୁ ଘଉଡ଼ାଇବା ପାଇଁ ଦିନ ରାତି ଏକ କରିଛନ୍ତି ଚାଷୀ। କିଏ ନିଆଁ ହୁଳା ଧରିଛି ତ ଆଉ କିଏ ହାତରେ ଠେଙ୍ଗା ତ ଆଉ କିଏ ବାଣ ସାଙ୍ଗକୁ ପାଟି କରି ଘଉଡ଼ାଉଛନ୍ତି ଚାଷୀ। ଗୋଟିଏ ପଟେ ଶୀତର ପ୍ରକୋପ ଅନ୍ୟ ପଟେ ଜଙ୍ଗଲୀ ଜନ୍ତୁ ଦାଉ ସାଧୁଛି। ଆସିକା ବ୍ଲକର ଜୟପୁର ପଞ୍ଚାୟତର କିଛି ମକା ଚାଷ ସହ ଧାନ ଫସଲ କରି ପରିବାର କୁଟୁମ୍ବ ଚଳାଇ ଆସୁଥିବା ଚାଷୀ ମାନେ ଏବେ ଦିନ ରାତି ଏକ କରି ନିଜ ନିଜ ମକା ବାଡ଼ ସହ ଧାନ ଫସଲକୁ ଜଗି ରହୁଛନ୍ତି। ସେପଟେ ବନ ବିଭାଗ ପକ୍ଷରୁ କୌଣସି କ୍ଷୟକ୍ଷତିର ଆକଳନ କରି ସହାୟତା ଦେଉନଥିବା ଚାଷୀ ଅଭିଯୋଗ କରିଛନ୍ତି।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ଦାବିପତ୍ର

**ଭଞ୍ଜନଗର,୮ ।୧୨(ସମିସ):** ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡ ଭଞ୍ଜନଗର କାର୍ଯ୍ୟାଳୟ ପରିସରରେ ଥିବା ସଂଘ ଗୃହ ଠାରେ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ସଂଘର ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ କର୍ମଚାରୀଙ୍କୁ ପ୍ରତ୍ୟେକ ମାସ ୧ ତାରିଖରେ ଦରମା ଦେବା, ୧୯୯୩ ପରର ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ବକେୟା ଥିବା ଗସ୍ତ ଖର୍ଚ୍ଚ, ଔଷଧ ଖର୍ଚ୍ଚ, ପୋଷାକ, ଖାଲି ପଦବୀରେ ପଦୋନ୍ନତି, ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ଥଇଥାନ ଯୋଜନାରେ ନିଯୁକ୍ତି, ଜଳଯୋଗାଣ କାର୍ଯ୍ୟରେ ନିୟୋଜିତ ସ୍ୱାବଲମ୍ବୀ କାରିଗରମାନଙ୍କୁ ସର୍ବନିମ୍ନ ମଜୁରୀ ଆଦି ରହିଛି। କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଦୀର୍ଘଦିନ ହେଲା ସମାଧାନ ନ ହୋଇ ବିଭାଗ ତରଫରୁ ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଉଥିବାରୁ କର୍ମଚାରୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଉପରୋକ୍ତ ସମସ୍ୟାର ସମାଧାନ ନହେଲେ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ଆଗାମୀ ଦିନରେ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବାକୁ ଚେତାବନୀ ଦିଆଯାଇଛି। ସଂଘର ଭଞ୍ଜନଗର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଡିଭିଜନ ସମ୍ପାଦକ ସୁରେନ୍ଦ୍ର ନାଥ ରାଉତ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଭଞ୍ଜନଗର ଶାଖା ସମ୍ପାଦକ କାକୁସ୍ଥ ସାହୁ, ଯୁଗ୍ମ ସମ୍ପାଦକ ଦାଶରଥି ଦାସ, ଶିଶିର ଜେନାଙ୍କ ସମେତ ଭଞ୍ଜନଗର ଡିଭିଜନ ଅଧୀନସ୍ଥ ଆସିକା, କବିସୂର୍ଯ୍ୟନଗର, ସୋରଡ଼ା, ଧରାକୋଟ, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ପୋଲସରା, ପୁରୁଷୋତ୍ତମପୁର, ବେଗୁନିଆପଡ଼ା, ବୁଗୁଡ଼ା ପ୍ରଭୃତି ଅଞ୍ଚଳର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସଂଘର ଡିଭିଜନସ୍ତରୀୟ ସମସ୍ତ ପଦବୀ ନିମନ୍ତେ କର୍ମକର୍ତ୍ତା ଚୟନ କରାଯାଇଥିଲା।

### ଜିଲ୍ଲା ଅଙ୍ଗନବାଡ଼ି କର୍ମୀ ସଂଘର ବୈଠକ

## ୧୯ରେ ବିଧାନସଭା ଘେରାଉ ନିଷ୍ପତ୍ତି

ଛତ୍ରପୁର,୮ ।୧୨(ସମିସ)




ଗଞ୍ଜାମ ଜିଲ୍ଲା ଅଙ୍ଗନବାଡ଼ି କର୍ମୀ ସଂଘର ବୈଠକ ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନରେ ଜିଲ୍ଲା ସଭାପତି ମମତାଜ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନବାଡ଼ି କର୍ମୀଙ୍କ ବିଭିନ୍ନ ଦାବି ନେଇ ଆସନ୍ତା ୧୯ ତାରିଖରେ ବିଧାନସଭା ଘେରାଉ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ନୂତନ ସରକାର କ୍ଷମତାକୁ ଆସିବା ପରେ ଅଙ୍ଗନବାଡ଼ି କର୍ମୀଙ୍କ ବିଭିନ୍ନ ଦାବି ପୂରଣ କରିବା ପାଇଁ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ଏଣୁ ଏହାର ପ୍ରତିବାଦରେ ଆସନ୍ତା ୧୯ ତାରିଖରେ ୫ ହଜାରୁ ଅଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଉପସ୍ଥିତିରେ ବିଧାନସଭା ଘେରାଉ କରାଯିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଛି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ଜେନା ଯୋଗଦେଇ ନୂତନ ସରକାର ଆସିବା ପରେ ଅଙ୍ଗନବାଡି କର୍ମୀଙ୍କ ଉପରେ ବୋଝ ଅଧିକ ଲଦା ଯାଉଥିବା ବେଳେ ଭତ୍ତା ବୃଦ୍ଧି ପାଇଁ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଥିଲେ। ଅନ୍ୟପକ୍ଷରେ ଅଙ୍ଗନବାଡି କର୍ମୀ ବିରୋଧରେ ଆକ୍ରୋଶମୂଳକ କାର୍ଯ୍ୟ ବିରୁଦ୍ଧରେ ଆସନ୍ତା୧୩ ତାରିଖରେ ଗଞ୍ଜାମ ସିଡିପିଓ କାର୍ଯ୍ୟାଳୟ ଘେରାଉ କରାଯିବ। ବୈଠକରେ ଏଆଇଟି ୟୁସି ନେତା ନୀଳକଣ୍ଠ ଦାଶ, ମାଣିକେଶ୍ୱରୀ ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରତିମା ଦାସ, ମୀନାକ୍ଷୀ, ରୀତାଞ୍ଜଳି ଦାସ, ଲିଳାବତି ଦୋରା, ସାକମ୍ବରୀ ବାରିକ, ଦୁର୍ଯ୍ୟୋଧନ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ସଂଗ୍ରହ ନେଇ ଚାଷୀ ସଚେତନତା



**ଦିଗପହଣ୍ଡି,୮ ।୧୨(ସମିସ):** ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ୨୦୨୪-୨୫ବଜାର ବର୍ଷରେ ଚାଷୀଙ୍କ ଖରିଫ ଧାନ ଅମଳ ପରେ ସଂଗୃହୀତ ଧାନ ସ୍ଥାନୀୟ ସେବା ସମବାୟ ସମିତି କାର୍ଯ୍ୟାଳୟରେ ରଖାଯିବ ବୋଲି ନିର୍ଦ୍ଦେଶ ରହିଛି ବୋଲି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ସଂଗ୍ରାମଜିତ୍ ପାଳ କହିବା ସହ ସେଠାରେ ପଞ୍ଜୀକୃତ ଚାଷୀଙ୍କ ଉତ୍ପାଦିତ ଧାନର ନମୂନା ପରୀକ୍ଷଣ ପରେ ଗୁଣାତ୍ମକ ଧାନକୁ ନିର୍ଦ୍ଧାରିତ ମିଲରଙ୍କ ପାଖକୁ ପଠାଯିବ ବୋଲି ଚାଷୀଙ୍କୁ ସଚେତନ କରାଇଥିଲେ। ଚଳିତ ବର୍ଷ ସାଧାରଣ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩ ଶହ ଟଙ୍କା ରହିଛି ବୋଲି ଉପସ୍ଥିତ ଚାଷୀଙ୍କୁ ସୂଚନା ଦିଆଯାଇଥିଲା। ସମବାୟ ସମିତି ସମ୍ପାଦକ ସୁରେଶ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ନୋଡାଲ ଅଧିକାରୀ କୈଠଖଣ୍ଡି କୃଷି ଗ୍ରାମସେବକ ଭୀମସେନ ମଲ୍ଲିକ, ସେବା ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ଉଦୟ ନାଥ ସ୍ୱାଇଁ, ସମବାୟ ନିର୍ଦ୍ଦେଶକ ଏମ.ବାଇନାଥ, ଏନ୍. ତ୍ରିନାଥ, ବରିଷ୍ଠ ଚାଷୀ ଲବ ମହାନ୍ତି, ରାମଚନ୍ଦ୍ର ପୂଜାରୀ, ଅରୁଣ କୁମାର ସାହୁ, ପି.ଶିବଶଙ୍କର, କେ.କୁନା, ସୁରେଶ କୁମାର ପାତ୍ର, ପି.ଗୋବିନ୍ଦ, ହରିହର ସ୍ୱାଇଁଙ୍କ ସମେତ ପଞ୍ଜୀକୃତ ଚାଷୀ, ଚାଷୀ କମିଟିର ସଦସ୍ୟ ଓ କର୍ମକର୍ତ୍ତା ବୃନ୍ଦ ଏବଂ ସେବା ସମବାୟ ସମିତି ନିର୍ଦ୍ଦେଶକ ବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉଦ୍ୟାନ ବିଭାଗ ଛାତ୍ରୀ ଅର୍ଚ୍ଚନା ସାହୁ ଉପସ୍ଥିତ ଚାଷୀଙ୍କୁ ଫସଲରେ ରୋଗ ପୋକ ଦମନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଆପ୍ ବ୍ୟବହାର କରି ଚାଷୀମାନେ ଫସଲରେ କେଉଁ କୀଟନାଶକ ପ୍ରୟୋଗ କରିବେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପାଇପାରିବେ ବୋଲି କହିଥିଲେ। ବରିଷ୍ଠ ଚାଷୀ ରାମଚନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ସାଇକ୍ରିଷ୍ଟା ବସ୍ ଦୁର୍ଘଟଣାଗ୍ରସ୍ତ

**ଗଞ୍ଜାମ,୮ ।୧୨(ସମିସ):** ଆସିକା ଅଞ୍ଚଳରୁ ଚୋରି ହୋଇଥିବା ସାଇକ୍ରିଷ୍ଟା ବସ୍ ଗଞ୍ଜାମରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ି ଭିତରେ କେହି ଯାତ୍ରୀ ନଥିବା ବେଳେ କିଏ କାହିଁକି ଗାଡ଼ି ଚୋରି କରିଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବସ୍‌କୁ ଜବତ କରି ତଦନ୍ତ କରୁଛି। ବସଟି ଭୁବନେଶ୍ୱର ପଟୁ ଦ୍ରୁତ ଗତିରେ ଆସି ଡିଭାଇଡର ଡେଇଁ ଅପର ପାଶ୍ୱର୍ ଏକ ଢାବା ନିକଟସ୍ଥ ରୋଡ୍ ତଳକୁ ପଶିଯାଇଛି। ଖବରପାଇ ବସ ମାଲିକଙ୍କ ଭଣଜା ସୂର୍ଯ୍ୟନାରାୟଣ ପଲାଇ, ପୁତୁରା ବିକାଶ ପଳେଇ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଉଠାଇବା ବ୍ୟବସ୍ଥା କରିଛନ୍ତି। ବିକାଶଙ୍କ କହିବା ଅନୁଯାୟୀ ଆସିକା ବସ୍‌ଷ୍ଟାଣ୍ଡରେ ପ୍ରାୟ ୧୪ବସ ଥିଲା। ଶନିବାର ରାତି ପ୍ରାୟ ୨ଟାରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିବା ପରେ ଆସିକା ଥାନାରେ ଅଭିଯୋଗ ହୋଇଛି।

## ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



**ବୁଗୁଡ଼ା,୮ ।୧୨(ସମିସ):** ବୁଗୁଡ଼ା ଏନ୍ଏସି ୱାର୍ଡ ନଂ-୫ ଅନ୍ତର୍ଗତ ସୀମାଞ୍ଚଳ ମାର୍ଗ ମହାରଣା ସାହି ଛକରେ ଦୀର୍ଘ ଦିନ ହେଲା ଏକ ବିଦ୍ୟୁତ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଉକ୍ତ ଖୁଣ୍ଟରୁ ବିଭିନ୍ନ ଘରକୁ ବିଦ୍ୟୁତ୍ ଯୋଗାଣ ହେଉଛି। ତେବେ ଲୁହା ନିର୍ମିତ ହୋଇଥିବାବେଳେ ଖୁଣ୍ଟର ତଳ ଭାଗ କଳଙ୍କି ଲାଗି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଏଭଳି ସ୍ଥିତିରେ କେତେବେଳେ ଯେ ଏହା ଭାଙ୍ଗି ଯାଇ ଏକ ବଡ ଧରଣର ବିପଦ ଘଟାଇବ ତାହା କହି ହେଉନାହିଁ। ସାହିବାସିନ୍ଦା ବିଦ୍ୟୁତ ଖୁଣ୍ଟ ଯୋଗୁଁ ଭୟ ଓ ଆଶଙ୍କା ମଧ୍ୟରେ ସେହି ପଟ ଦେଇ ଯାତାୟାତ କରୁଛନ୍ତି। ଏହା ବିଦ୍ୟୁତ ବିଭାଗର ଦୃଷ୍ଟି ଆଢୁଆଳରେ ରହିଥିବା ବେଳେ ସାହି ବାସିନ୍ଦାଙ୍କ ଅଭିଯୋଗ ମଧ୍ୟ କାମ କରୁନଥିବା ଜଣାପଡ଼ିଛି। ତେଣୁ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଓଷ୍ଟାର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ



**ଛତ୍ରପୁର,୮ ।୧୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ଛତ୍ରପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। କଣ୍ଠ ସଙ୍ଗୀତ, ସାଧାରଣ ଜ୍ଞାନ, କୁଇଜ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ମୁଖ୍ୟ ଅତିଥି, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ଓଷ୍ଟାର ଗଞ୍ଜାମ ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା, ସମାଜସେବୀ ମାୟା ସାହୁ, ବାପି ଦାସ, ଭିକାରୀପଲ୍ଲୀ ହାଇସ୍କୁଲ ପ୍ରଧାନ ଶିକ୍ଷକ କୋରେଶ ଚନ୍ଦ୍ର ଶତପଥୀ, ବଉଳ ଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାଶ ବେହେରା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ଓଷ୍ଟାର ଗଞ୍ଜାମ ଜିଲ୍ଲା ସଭାପତି ସନ୍ତୋଷ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଭଲ ମଣିଷ ହେବା ନେଇ ଆଲୋଚନା କରିଥିଲେ। ବ୍ଲକ ସମ୍ପାଦକ ଧୀରେନ୍ଦ୍ରନାଥ ସଭାପତି ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ନିରୁପମା ମିଶ୍ର, ଶୁଭ୍ରଚଳା ବକ୍ସି, ପ୍ରଭାସିନି ସାହୁ, ଜି.ବିଜୟ ଲକ୍ଷ୍ମୀ, ଜୟଶ୍ରୀ ଦୋରା, ଯମୁନା ରେଡ୍ଡି, ପଦ୍ମଚରଣ ଦାସ, ବିନୋଦ ମହାନ୍ତି ପରିଚାଳନା କରୁଥିଲେ। ଓଷ୍ଟାର ଗଞ୍ଜାମ ଜିଲ୍ଲା ସମ୍ପାଦକ ସୁଧୀର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଯକ୍ଷ୍ମା ନିରାକରଣ ସଚେତନତା

**ହୁମ୍ମା,୮ ।୧୨(ସମିସ):** ଖଣ୍ଡିଦେଉଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ହୋଇଯାଇଛି। ଡା.ସୌମ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସମ୍ମାନିତ ଅତିଥି ରୂପେ ସିଡିପିଇଓ ସଲୀଳା ପ୍ରଧାନ, ଜିପିଇଓ ଏ ଅଭିଲିପ୍ସା, ଗଞ୍ଜାମ ବ୍ଲକ୍ ଶିକ୍ଷା ଅଧିକାରୀ, ସରପଞ୍ଚ ବୈରାଗୀ ବେହେରା, ଏମ୍‌ଟିଏସ୍ ସୁଶାନ୍ତ କୁମାର ବାରିକ ଯୋଗ ଦେଇଥିଲେ। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ, ବାଦ୍ୟଯନ୍ତ୍ର ମାଧ୍ୟମରେ ଶୋଭାଯାତ୍ରା ରାଲି କରାଯାଇ ଲୋକଙ୍କୁ ସଚେତନ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଛି। ଆସନ୍ତା ୧୦୦ ଦିନ ଯକ୍ଷ୍ମା ନିରାକରଣ ସଚେତନ କାର୍ଯ୍ୟକ୍ରମ କରାଯିବ ବୋଲି ଟିବି ସୁପରଭାଇଜର ପ୍ରଭୁଦତ୍ତ ଶତପଥୀ କହିଛନ୍ତି। କାର୍ଯ୍ୟକ୍ରମକୁ ବିପିଏମ୍ ସରୋଜ ମହାନ୍ତି ପରିଚାଳନା କରିଥିବାବେଳେ ଟିବି ସୁପରଭାଇଜର ପ୍ରଭୁଦତ୍ତ ଶତପଥୀ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଲାଗି କଳସ ଯାତ୍ରା



**ପୋଲସରା,୮ ।୧୨(ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତିକୁ ଉଜ୍ଜୀବିତ କରାଇବା ନିମନ୍ତେ ପଞ୍ଚରାତ୍ର ପ୍ରବଚନ, ପରାୟଣ ଓ ପଞ୍ଚକୁଣ୍ଡୀୟ ଘୃତଯଜ୍ଞ ଅନୁଷ୍ଠିତ ହେବ। ଏନେଇ ରବିବାର ପୋଲସରା କଲେଜ ଛକ ନିକଟ ପଡ଼ିଆରୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରି ପୋଲସରା ଓଇରାଣୀ ପୁଷ୍କରିଣୀରେ ପହଞ୍ଚିଥିଲେ। ପୁଷ୍କରିଣୀରେ ପୂଜାର୍ଚ୍ଚନା ପରେ ନଗର ପରିକ୍ରମା ପରେ ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। ବିଶିଷ୍ଟ ପଣ୍ଡିତ ତଥା ପ୍ରବଚକ ସୁବ୍ରତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ଆୟୋଜିତ ହୋଇଥିବା ବେଳେ ବହୁ ଜଗନ୍ନାଥ ସେବକ ଓ ବିଦ୍ୱାନ ବ୍ୟକ୍ତିଙ୍କ ଉପସ୍ଥିତ ଥିଲେ। ଆଧ୍ୟାତ୍ମିକ ଭାବର ଆଦାନ ପ୍ରଦାନ ସହ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଓ ସମାଜର କଲ୍ୟାଣ ନିମନ୍ତେ ରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କର କଲ୍ୟାଣ ନିମନ୍ତେ ଆଶୀର୍ବଚନ ପ୍ରଦାନ କରିବେ। ଉତ୍ସବରେ ସଂଘର ସଭାପତି ଶିଶିର କୁମାର ରଥ, ଉପସଭାପତି ଯଜ୍ଞ ନାରାୟଣ ସାହୁ, ସମ୍ପାଦକ ରବି ନାରାୟଣ ପୃଷ୍ଟି, ସହ ସମ୍ପାଦକ ପ୍ରେମଚାନ୍ଦ ସାହୁ, କୋଷାଧ୍ୟକ୍ଷ ପ୍ରଭାକର ସାହୁ, ପ୍ରଣବ କୁମାର ତ୍ରିପାଠୀ, ନର୍ମଦା ପାତ୍ର, ଝୁନୁ ପାତ୍ର, ବବିତା ବେହେରା, ମନୋଜ କୁମାର ଘଡ଼େଇ, ଜ୍ୟୋତି ରଞ୍ଜନ ଆଚାରୀ, ଲୋକନାଥ ପାତ୍ର, ଆଦିକନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିଝରରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼





ଧରାକୋଟ,୮ ।୧୨(ସମିସ)

ଧରାକୋଟ ଠାରୁ ଦୁଇ କିମି ଦୂରରେ ଥିବା ଶାନ୍ତିଝର ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଧରାକୋଟ ଥାନା ନିକଟ ଗାନ୍ଧୀ ଛକଠାରୁ ଦକ୍ଷିଣ ଦିଗକୁ ମାତ୍ର ଦୁଇ କିମି ଦୂରରେ ଅବସ୍ଥିତ ଶାନ୍ତିଝର ପୀଠ। ସୁଳିଆ ପାହାଡ଼ର ପାଦ ଦେଶରେ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ପୀଠ। ଶାନ୍ତିର ପ୍ରତୀକ ଭଗବାନ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ଦର୍ଶକଙ୍କ ମନ ମୋହୁଥିବା ବେଳେ ପୀଠର ପାଦ ଦେଶରେ ମା'କଠୁଲିଆ ଦେବୀଙ୍କ ମନ୍ଦିର, ମଧ୍ୟ ଭାଗରେ ସିଦ୍ଧ ଗୁମ୍ଫାରେ ମା'ରାଜ ରାଜେଶ୍ୱରୀ ଗଡ଼ଚଣ୍ଡୀଙ୍କ ଜ୍ୱଳନ୍ତ ମୂର୍ତ୍ତି, ସବୁଠାରୁ ଉପରେ ହନୁମାନ ବାଟିକାରେ ଶିଶୁ ହନୁମାନଙ୍କ ମୂର୍ତ୍ତି ବିରାଜମାନ। ହନୁମାନ ବାଟିକା ନିକଟରେ ଜଳ ପରିପୂର୍ଣ୍ଣ ଶାନ୍ତିଝର ଡ୍ୟାମ। ତଳ ଭାଗରେ ରହିଥିବା ଶିଶୁ ପାର୍କ ପିଲାଙ୍କ ମନ ମୋହୁଥିବା ବେଳେ ମହାବୀର ଘାଟିରେ ଗାଡି ଚାଳନା ପର୍ଯ୍ୟଟକ ମାନଙ୍କୁ ଅନନ୍ୟ ଅନୁଭୂତି ଦେଇଥାଏ। ବିଶେଷ କରି ଡିସେମ୍ବର ଓ ଜାନୁଆରୀ ମାସରେ ରାଜ୍ୟର କୋଣ ଅନୁକୋଣରୁ ଲୋକେ ଏଠାରେ ଭିଡ ଜମାଉଥିବାବେଳେ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀଙ୍କ ପିକ୍‌ନିକ୍ ପାଇଁ ଏଠାରେ ଭିଡ଼ ଜମାଉଛନ୍ତି। ବଣଭୋଜି ପାଇଁ ବିଶୁଦ୍ଧ ପାନୀୟ ଜଳ ସାଙ୍ଗକୁ ଭୋଜି ରାନ୍ଧିବା ପାଇଁ ପିଣ୍ଡି, ସୁନ୍ଦର ପରିବେଶ ଓ ନିକଟରେ ଥିବା ପାର୍କିଂ ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସବୁଠାରୁ ଆକର୍ଷଣୀୟ କଥା ହେଲା ସନ୍ଧ୍ୟା ସମୟରେ ଦଳ ଦଳ ମୟୂର ପୀଠ ନିକଟରେ ବିଚରଣ କରିଥାନ୍ତି। ମୟୂରଙ୍କ ସୁରକ୍ଷା ସାଙ୍ଗକୁ ପରିବେଶର ସ୍ୱଚ୍ଛତା ପାଇଁ ଶାନ୍ତିଝର ଉନ୍ନୟନ କମିଟି ସର୍ବଦା ଗୁରୁତ୍ୱାରୋପ କରୁଥିବାରୁ ବର୍ଷ ସାରା ଏଠାକୁ ପିକ୍‌ନିକ୍ ପାଇଁ ଲୋକେ ଆସନ୍ତି। ସମ୍ପ୍ରତି ଶାନ୍ତିଝର ଉନ୍ନୟନ କମିଟି ସଭାପତି ସୁନିଲ କୁମାର ଚୌଧୁରୀଙ୍କ ଉଦ୍ୟମକ୍ରମେ ହନୁମାନ ବାଟିକାରେ ଏକ ୩୨ଫୁଟ ଉଚ୍ଚତାର ହନୁମାନ ପ୍ରତିମୂର୍ତ୍ତି ନିର୍ମାଣ ଚାଲିଛି। ଏସବୁ ସତ୍ତ୍ୱେ ଏହାର ଭିତ୍ତିଭୂମିର ବିକାଶ ସହ ଏହି ପୀଠକୁ ଆହୁରି ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।






## ଓଷ୍ଟାର ପ୍ରସ୍ତୁତି ବୈଠକ, ୧୦ରେ ଆନ୍ଦୋଳନ

ବ୍ରହ୍ମପୁର, ୮ ।୧୨(ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି(ଓଷ୍ଟା)ର ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ପ୍ରେମନଗର କାର୍ଯ୍ୟାଳୟରେ ଏକ ବୈଠକ ହୋଇଯାଇଛି । ଜିଲ୍ଲା ସଭାପତି ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା ନୂତନ ଅନୁଦାନ ପ୍ରାପ୍ତ ସଂଘର ସଭାପତି ବିଜୟ କୁମାର ମହାରଣା, ଅଣ-ଅନୁଦାନପ୍ରାପ୍ତର କେ. ପୂର୍ଣ୍ଣଚନ୍ଦ୍ର ଦୋରା, ବାସନ୍ତୀ କୁମାର ଷଡ଼ଙ୍ଗୀ, ଜିଲା ଉପସଭାପତି ଅଶୋକ କୁମାର ହୋତା, ଯୁଗ୍ମ ସମ୍ପାଦକ ପିତାମ୍ବର ପାଢ଼ୀ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଡ଼. ବିଜୟ ଚନ୍ଦ୍ର ମହାରଣା, ଅନୁଦାନ ପ୍ରାପ୍ତ ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ ମଞ୍ଚାସୀନ ଥିଲେ । ଆସନ୍ତା ୧୦ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରାଲି ଓ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ମହାପାତ୍ର, ଦୁର୍ଗା ପ୍ରସାଦ ଦାସ, ବିଭୁ ଶଙ୍କର ମିଶ୍ର, ବଳରାମ ବାରିକ, ବିଜୟ କୁମାର ବେହେରା ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ବୈଠକ

ବ୍ରହ୍ମପୁର, ୮ ।୧୨(ସମିସ): ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଂଜିନିୟର ସଂଘର ଗଞ୍ଜାମ ଶାଖାର ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ସଂଘ ସଭାପତି ଇଂ ନରସିଂହ ପାତ୍ର ସଭାପତିତ୍ୱ କରିଥିଲେ । ବୈଠକରେ ସଂଘର ଉପଦେଷ୍ଟା ଇଂ. ଶ୍ରୀନିବାସ ରାଉଳ, ଉପସଭାପତି ଇଂ. ସୁବାଷ ଚନ୍ଦ୍ର ପାତ୍ର, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଇଂ. ଡମ୍ବରୁ କବି, ଅର୍ଥସଂପାଦକ ଇଂ. କିଶୋର ମହନ୍ତ ଓ ଇଂ. ସୁକାନ୍ତ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚସୀନ ଥିଲେ । ସଂଘ ଉପଦେଷ୍ଟା ଶ୍ରୀନିବାସ ରାଉଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଂସୁବାସ ପାତ୍ର ଗତସାଧାରଣ ବୈଠକର ବିରଣୀ ପାଠ କରିଥିଲେ । ବୈଠକରେ ସମସ୍ତ ସଭ୍ୟ ସଂଘର ଆଜୀବନ ସଦସ୍ୟତା ଗ୍ରହଣ କରିବା ପାଇଁ ନିବେଦନ କରାଯାଇଥିଲା । ଅବସର ଜନିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପରିଶେଷରେ ଇଂ. ବଦ୍ରୀନାରାରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାଖାର ପୂର୍ବତନ ସଭାପତି ଇଂ. ଏ. ପୃଥୀରାଜ ସୁବୁଦ୍ଧି, ଇଂ. ବଦ୍ରୀନାରାୟଣ ତ୍ରିପାଠୀ, ଇଂ. ଟି.ଗଣେଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପ୍ରାଣୀବିଜ୍ଞାନ କର୍ମଶାଳା



ବ୍ରହ୍ମପୁର, ୮ ।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ରାଠୋର ପୌରୋହିତ୍ୟ କରିଥିଲେ । ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ, ବରିଷ୍ଠ ଅଧ୍ୟାପକ ଡ. ଦୀପକ କୁମାର ମିଶ୍ର ଯୋଗ ଦେଇଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ସହକାରୀ ଶିଳ୍ପ ଅଧିକାରୀ ପ୍ରିୟାଂଶୁ ପଟ୍ଟନାୟକ, ବି. ପାଣିଗ୍ରାହୀ, ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଏନ. ସି ପଟ୍ଟନାୟକ ଓ ଡ଼. ଟି. ପବନ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପରେ ରହିଥିବା ବୃତ୍ତିଗତ ଭାବେ ସମ୍ଭାବନା ସମ୍ପର୍କରେ କର୍ମଶାଳାରେ ଅତିଥିମାନେ ଆଲୋକପାତ କରିଥିଲେ । ଅଧ୍ୟାପକ ଡ. ବିଭୂତି ପ୍ରସାଦ ବାରିକ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସମସ୍ତ ଅଧ୍ୟପକ ଓ ଅଧ୍ୟପିକା ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ପରିବେଶ ଓ ପର୍ବପର୍ବାଣି ସମ୍ପର୍କିତ ଆଲୋଚନା

ବ୍ରହ୍ମପୁର, ୮ ।୧୨(ସମିସ): ମାନବବାଦୀ ହେତୁବାଦୀ ସଂଗଠନ ଗଂଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ ପରିବେଶ ଓ ପର୍ବପର୍ବାଣୀ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ସଭାପତି ଇ.ଟି.ରାଓ ସଭାପତିତ୍ୱ କରିଥିଲେ । ସମ୍ପାଦକ କେ.ନନ୍ଦେଶ୍ବ ସେନାପତି ଅତିଥି ପରିଚୟ ଦେଇଥିଲେ । ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବି.ଅଞ୍ଜନ କୁମାର ପୃଷ୍ଟି, ମୁଖ୍ୟ ବକ୍ତଭାବେ ପରିବେଶବିତ ସୁଧୀର କୁମାର ରାଉତ ଓ ମହାନଦୀ ବଞ୍ଚାଓ ଆନ୍ଦୋଳର ଅଧ୍ୟକ୍ଷ ସୁଦର୍ଶନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ପ୍ରେଫେସର ପୃଷ୍ଟି ପରିବେଶର ସୁରକ୍ଷାପାଇଁ ବିଭିନ୍ନ ଧର୍ମର ବିଭିନ୍ନ ପ୍ରକାର ପର୍ବ ରହିଛି । ସେ ଆମ ଓଡ଼ିଶାର ପର୍ବ ପର୍ବାଣୀ ଦୁର୍ଗାପୂଜା, ଗଣେଶ ପୂଜା, ମାଣବସା ଗୁରୁବାର ପୂଜା ଏପରିକି ବିବାହ ବ୍ରତ ମଧ୍ୟ ପର୍ବରେ ଯାଉଛି । ବିଭିନ୍ନ ପର୍ବରେ ବଡ଼ବଡ଼ ମୂର୍ତ୍ତି କରିବା ପରିବର୍ତ୍ତେ ଫୋଟୋ ରଖି ପୂଜା କଲେ ପରିବେଶ ଅନୁକୂଳ ହେବ ବୋଲି ମତ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଶ୍ରୀ ଦାସ ବିଭିନ୍ନ ପର୍ବପର୍ବାଣୀ ପାଳନ ପ୍ରକୃତିକୁ କରାଯାଉ ଯେପରିକି ଆଦିବାସୀ ମାନେ ସାଧାରଣତଃ ମୂର୍ତ୍ତିପୂଜା ଅପେକ୍ଷା ପ୍ରକୃତିପୂଜା ହୁଏ ବୋଲି କହିଥିଲେ । ପରିବେଶବିତ ସୁଧୀର ରାଉତ କହିଥିଲେ ଯେ ପୂଜାପର୍ବାଣି ବର୍ତ୍ତମାନ ଉଦ୍ଦଣ୍ଡତା, ସମାଜ ମଧ୍ୟରେ ବିଭେଦ ସୃଷ୍ଟି କରୁଛି । ଏହା ଅନ୍ଧବିଶ୍ୱାସ ଲୋପକରିବା ପରିବର୍ତ୍ତେ ଅବୈଜ୍ଞାନିକତା ସୃଷ୍ଟି ହେଉଥିବା କହିଥିଲେ । କାର୍ଯ୍ୟକ୍ରମରେ ସୁନେଜ କୁମାର ପାଣିଗ୍ରାହୀ, କିଶୋର ଚନ୍ଦ୍ର ମିଶ୍ର, କେ.ବାସବା ରାଜୁ, ଆସନ ଗୁପ୍ତା, ଟି.ଗଣେଶ, ଟି.ଗିରିଜା, ସ୍ୱପ୍ନାଦେଇ, ଶ୍ୟାମସୁନ୍ଦର ଖାଡଙ୍ଗା, ମନୋରଞ୍ଜନ ସାହୁ, ଅଶୋକ କୁମାର ଦଳାଇ, ସୋମନାଥ ବେହେରା, ସୁଭାସ୍ମିତା ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ଆଦିତ୍ୟ ନାରାୟଣ ରଥଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ ।

### ବିଏମ୍‌ସି ଅଞ୍ଚଳରେ ଉଜ୍ଜୁଡୁଛି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ

# ପରିତ୍ୟକ୍ତ ଅବସ୍ଥାରେ ବର୍ଜ୍ୟରୁ ପ୍ରସ୍ତୁତ କଳାକୃତି







- ଟ୍ରାଫିକ ସମସ୍ୟା ଦୃଷ୍ଟିରୁ ପ୍ରମୁଖ ସ୍ଥାନରୁ ହଟାଇବ ବିଏମ୍‌ସି
- ରକ୍ଷଣାବେକ୍ଷଣା ଅଭାବରୁ ବର୍ଜ୍ୟରୁ ପ୍ରସ୍ତୁତ ପ୍ରତିକୃତି ବିପର୍ଯ୍ୟସ୍ତ

ବ୍ରହ୍ମପୁର, ୮ ।୧୨(ସମିସ)

ଖୁବ୍‌ଶୀଘ୍ର ବ୍ରହ୍ମପୁର ସହରର ପ୍ରମୁଖ ଛକମାନଙ୍କରେ ଶୋଭାବର୍ଦ୍ଧନ କରୁଥିବା କଠିନ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ବିଭିନ୍ନ ପ୍ରତିକୃତିକୁ ହଟାଯିବ । ଟ୍ରାଫିକ ଜନିତ ସମସ୍ୟା ସୃଷ୍ଟି ହେଉଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେବାକୁ ଯାଉଥିବା ଜଣାପଡ଼ିଛି । ଅବଶ୍ୟ ପର୍ଯ୍ୟାୟକ୍ରମେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ପ୍ରତିକୃତିଗୁଡ଼ିକୁ ହଟାଯିବ ବୋଲି ଆପାତତଃ ନିଷ୍ପତ୍ତି ହୋଇଛି । ସ୍ମାର୍ଟସିଟି ଦୌଡ଼ରେ ରାଜ୍ୟର କାହିଁକି ଦେଶର ବିଭିନ୍ନ ପ୍ରମୁଖ ସହର ମଧ୍ୟରେ ବ୍ରହ୍ମପୁର ରହିଥିଲା । ପରିବେଶ, ସୌନ୍ଦର୍ଯ୍ୟକରଣ ସହିତ ସହରର ବିଭିନ୍ନ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ସମସ୍ତେ । ଏହି କ୍ରମରେ ପଛରେ ପଡ଼ିନି ରେଶମ ସହର ବ୍ରହ୍ମପୁର । ସହରକୁ ସବୁଜ, ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଯାଇ ହାତକୁ ନିଆଯାଇଛି ଅନେକ ପ୍ରକଳ୍ପ । ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏନେଇ ବିନିଯୋଗ କରାଯାଇଛି ବହୁ ଅର୍ଥ । ଏହି କ୍ରମରେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସାଙ୍ଗକୁ ପରିବେଶକୁ ଦୃଷ୍ଟିରେ ରଖି କଠିନ ବର୍ଜ୍ୟବସ୍ତୁର ସଦୁପଯୋଗ କରିବାକୁ ଯାଇ ସ୍କ୍ରାପରୁ ଷଣ୍ଢ, ବାଘ, ମୟୂର, ଚିଙ୍ଗୁଡ଼ି ଓ ବିରଳ ପ୍ରଜାତିର ଅଲିଭ ରିଡ୍‌ଲେ କଇଁଚ ଭଳି ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିକୃତି ନିର୍ମାଣ କରାଯାଇଥିଲା । ଏପରିକି ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଦୃଷ୍ଟିରୁ ତଥା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସେଗୁଡିକୁ ସହରର ବିଭିନ୍ନ ପ୍ରମୁଖ ଛକମାନଙ୍କରେ ପ୍ରତିଷ୍ଠା କରାଯାଇଥିଲା । ଏଥିପାଇଁ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଶିଳ୍ପୀଙ୍କୁ ଦାୟିତ୍ୱ ଦିଆଯାଇ ପ୍ରତିକୃତିଗୁଡ଼ିକୁ ନିର୍ମାଣ କରାଯାଇଥିଲା । ପ୍ରତିଷ୍ଠା ପରଠାରୁ କଠିନ ବର୍ଜ୍ୟରୁ ପ୍ରସ୍ତୁତ ଏହି ସବୁ ପ୍ରତିକୃତି ସହରର ଶୋଭାବର୍ଦ୍ଧନ କରୁଥିଲେ । ହେଲେ ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ’ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହିସବୁ ପ୍ରତିକୃତି ବର୍ତ୍ତମାନ ସହରବାସୀ ଓ ବିଏମ୍‌ସି କର୍ତ୍ତୃପକ୍ଷ ଏପରିକି ପୁଲିସ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି । ରକ୍ଷଣାବେକ୍ଷର ଅଭାବରୁ ଅନେକ ସ୍ଥାନରେ ପ୍ରତିଷ୍ଠା ହୋଇଥିବା ପ୍ରତିକୃତି ଗୁଡିକ ଭାଙ୍ଗିରୁଜି ଯାଇଥିବା ବେଳେ ଇଂଜିନିୟରିଂ ସ୍କୁଲ ଛକରେ ଥିବା ବିରାଟକାୟ ଚିଙ୍ଗୁଡିକୁ ଉଠାଦୋକାନୀମାନେ ନିଜର ସୁବିଧା ପାଇଁ ଅନ୍ୟତ୍ର ହଟାଇ ଦେଇଥିବା ଦେଖିବାକୁ ମିଳିଛି । ସେହିଭଳି କମାପଲ୍ଲୀ ଓଭର ବ୍ରିଜ ଛକରେ ଥିବା ବାଘ ଓ ମୟୁରଙ୍କୁ ନେଇ ପ୍ରତିଷ୍ଠା ହୋଇଥିବା ସେଲ୍‌ଫି ପଏଣ୍ଟ ନିକଟରେ ଉଠାଦୋକାନୀମାନେ ନିଜର ଆସ୍ଥାନ ଜମାଇ ବସିଛନ୍ତି । ଫଳରେ ଏସବୁ ପ୍ରତିକୃତି ପ୍ରତିଷ୍ଠାର କୌଣସି ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ । ଏସବୁ ପଛରେ ବିଏମସିର ରକ୍ଷଣାବେକ୍ଷଣରେ ଅବହେଳା ସାଙ୍ଗକୁ ଏନଫୋର୍ସମେଣ୍ଟରେ ବା ଜବରଦଖଲ ଉଚ୍ଛେଦ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ସହରର ସୌନ୍ଦର୍ଯ୍ୟକରଣ ପାଇଁ ହାତକୁ ନିଆଯାଇଥିବା ପ୍ରକଳ୍ପର ଏଭଳି ଅବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସେପଟେ ଏଭଳି ଘଟଣାକୁ ନେଇ ଖୋଦ୍ ବିଏମସି କର୍ତ୍ତୃପକ୍ଷ ଅବଗତ ଥିବା ଆଲୋଚନା ବେଳେ ଜଣାପଡ଼ିଛି । ଭାଙ୍ଗିରୁଜି ଯାଇଥିବା ବିଭିନ୍ନ ପ୍ରତିକୃତିର ମରାମତିକୁ ପ୍ରାଥମିକତା ଦିଆଯିବାକୁ ଥିବାବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ସହରର ବିଭିନ୍ନ ପ୍ରମୁଖ ଛକମାନଙ୍କୁ ଏଭଳି ପ୍ରତିକୃତିକୁ ହଟାଇବାକୁ ନିଗମ ଯୋଜନା କରୁଥିବା କହିଛନ୍ତି ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର । ସମ୍ପୃକ୍ତ ସ୍ଥାନରୁ ସେଗୁଡିକୁ ହଟାଇବା ପରେ ରାସ୍ତାର ସମ୍ପ୍ରସାରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ

ବ୍ରହ୍ମପୁର, ୮ ।୧୨(ସମିସ): ଓୟୁଜେ ଅନୁବନ୍ଧିତ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିଅନର ବାର୍ଷିକ ସାଧାରଣ ପରିଷଦ ବୈଠକ ବ୍ରହ୍ମପୁର ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ସଦାଶିବ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, ପୂର୍ବତନ ଜିଲ୍ଲା ସଭାପତି ହରିହର ପାତ୍ର, ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଏହି ସଂଗଠନ ସମସ୍ତ ସାମ୍ବାଦିକ ମାନଙ୍କ ପାଇଁ ଅହରହ ସଂଗ୍ରାମ ଜାରି ରଖିଛି ବୋଲି କହିଥିଲେ । ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପାଇଁ ଲାଗୁ କରିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଏଥିରେ ପିତାମାତାଙ୍କୁ ସାମିଲ କରିବା, ବ୍ଲକ ଓ ଜିଲ୍ଲାସ୍ତରୀୟ ସମସ୍ତ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ବୈଠକରେ ସଂଘର ପ୍ରତିଷ୍ଠା ସଦସ୍ୟ ରବୀନ୍ଦ୍ର କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦୁଇବର୍ଷ ପାଇଁ ସର୍ବସମ୍ମତି କ୍ରମେ ଜିଲ୍ଲା ୟୁନିଟର କର୍ମକର୍ତ୍ତାକ୍ରମରେ ସଭାପତି ଭାବେ ସଦାଶିବ ପଣ୍ଡା, ଉପସଭାପତି ଭାବେ ଏ.ରାଜାରାଓ ଓ ରାଜଗୋପାଳ ପାଢ଼ୀ,



ସାଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ଭାବେ ମେଘନାଦ ଦାସ ଓ ସନ୍ତୋଷ କୁମାର ପଣ୍ଡା, କୋଷାଧ୍ୟକ୍ଷ ଭାବେ ସୁଧୀର ନାହାକଙ୍କୁ ମନୋନୀତ କରାଯାଇଥିବା ବେଳେ ଅଶୋକ କୁମାର ମହାଙ୍କୁଡ଼ଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା । ଶେଷରେ ନୂତନ କର୍ମକର୍ତ୍ତା ମାନଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଦିଆଯାଇଥିଲା ।

## ବ୍ରହ୍ମପୁର ସାହିତ୍ୟ ପରିଷଦର କବିତା ଆସର

ବ୍ରହ୍ମପୁର, ୮ ।୧୨(ସମିସ): ଶାନ୍ତି ନଗର ସ୍ଥିତ ମହିଳା ଗୋଷ୍ଠିକେନ୍ଦ୍ରରେ ବ୍ରହ୍ମପୁର ସାହିତ୍ୟ ପରିଷଦ ତରଫରୁ ଚଳିତବର୍ଷର ଶେଷ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ଯ୍ୟକ୍ରମରେ କବି ସୁଦ୍ଧାଞ୍ଜଳି ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଉଦଘାଟନ ଭାବେ ବରିଷ୍ଠ କବି ଓ ନାଟ୍ୟକାର ଯାମିନି କାନ୍ତ ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହିପରି କବିତା ଆସର



କବିମାନଙ୍କୁ ପ୍ରେରଣା ଦେଇଥାଏ ବୋଲି ବକ୍ତବ୍ୟ ରଖିଥିଲେ । ସଂସ୍କୃତି ପ୍ରେମୀ ଗଙ୍ଗାଧର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମଧୁସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ କବି ନନ୍ଦିନୀ ମହାରଣା, ବିଜୟ ମିଶ୍ର, ଦୀପ୍ତିଲେଖା ମିଶ୍ର, ବୃନ୍ଦାବନ ପଣ୍ଡା, ସୁନୀଲ କୁମାର ପ୍ରଧାନ, କବି ପ୍ରମୋଦ ପଣ୍ଡା, ମିହିର ରଥଶର୍ମା, ବିଜୟ ମିଶ୍ରଙ୍କ ସମେତ ପ୍ରଫୁଲ୍ଲ ତ୍ରିପାଠୀ, ଶ୍ରୀମତୀ ଦୀପ୍ତିମିତା ମହାପାତ୍ର ଯୋଗ ଦେଇଥିଲେ । ସମ୍ପାଦକ ବି ସତ୍ୟମ୍ ଆଚରି ଉପସଂହାର କରିଥିଲେ ।

## ‘ପରିବେଶ ସୁରକ୍ଷା ଦିଗରେ ଅନୁପ୍ରେରିତ କରିବ ଓଡ଼ିଶା ପରିବେଶ କଂଗ୍ରେସ’



- ୨୦ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ‘ଓଡ଼ିଶା ପରିବେଶ କଂଗ୍ରେସ’
- ସ୍ଥାନ ପାଇବ ବେଳାଭୂମି ଓ ପର୍ଯ୍ୟାବରଣ ସମ୍ପର୍କିତ ଆଲୋଚନା

ବ୍ରହ୍ମପୁର, ୮ ।୧୨(ସମିସ): ଓଡ଼ିଶା ପରିବେଶ କଂଗ୍ରେସର ୧୫ତମ ଅଧିବେଶନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ । ‘ପରିବେଶ ଓ ବେଳାଭୂମି’ ଚଳିତ ବର୍ଷର ବିଷୟବସ୍ତୁ ରହିଛି । ଡିସେମ୍ବର ମାସ ୨୦, ୨୧ ଓ ୨୨ତାରିଖ ତିନିଦିନ ବ୍ୟାପି ଏହା ଅନୁଷ୍ଠିତ ହେବ । ଏନେଇ ସ୍ଥାନୀୟ ସଂକଳ୍ପ ସ୍କୁଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଯୁବଛାତ୍ର ସମାଜକୁ ଗୁରୁତ୍ୱ ଦିଆଯାଇ ପିଲାଙ୍କ ପରିବେଶ କଂଗ୍ରେସ ଅନୁଷ୍ଠିତ ହେବ ବୋଲି ଏଠାରେ କୁହାଯାଇଛି । ପ୍ରାରମ୍ଭରେ ଗ୍ରୀନ ମ୍ୟାନ ଅଫ୍ ଓଡ଼ିଶା ଭାବେ ପରିଚିତ ସୁଧୀର ରାଉତ ଯୋଗଦେଇ କାର୍ଯ୍ୟକ୍ରମର ସବିଶେଷ ବିବରଣୀ କହିଥିଲେ । ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଦେଶ ଓ ବିଦେଶରୁ ବହୁ ଖ୍ୟାତି ସମ୍ପନ୍ନ ପରିବେଶବିତ ସେମାନଙ୍କ ମତାମତ ରଖିବେ । ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ଓ ମଣିଷ ସମାଜ ପାଇଁ ରହିଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଶ୍ରୀ ରାଉତ କହିଥିଲେ । ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ ବିଗତ ୧୪ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ପରିବେଶ କଂଗ୍ରେସର ଅଧିବେଶନ ଗୁଡ଼ିକ ବିଷୟରେ ଉପସ୍ଥାପନା କରିବା ସହିତ ଚଳିତ ବର୍ଷର ୧୫ତମ ଅଧିବେଶନ ବିଷୟରେ ଆଲୋକପାତ କରିଥିଲେ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପରିବେଶବିତ ଡ଼ ରାଜେନ୍ଦ୍ର ସିଂ ଉଦ୍‌ଘାଟନ କରିବେ ବୋଲି ସେ କହିଥିଲେ । ଗ୍ରୀନ ନୋବେଲ ପୁରସ୍କାର ବିଜେତା ପ୍ରଫୁଲ୍ଲ ସାମନ୍ତରା, ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ ଡ. ପ୍ରେମ କୁମାର ଓଝା, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁରେନ୍ଦ୍ର ଶତପଥୀ, ପୂର୍ବତନ କୁଳପତି ଡ଼ ଶିବପ୍ରସାଦ ଅଧିକାରୀ, ଡ. ବିନାୟକ ରଥ, ଡ. ପଦ୍ମଜା ମିଶ୍ର, ଡ଼ ସୁରେନ୍ଦ୍ରନାଥ ପଶୁପାଳକ, ଚିଲିକା ଡ଼େଭଲପମେଣ୍ଟ ଆୟୋଗର ପୂର୍ବତନ କାର୍ଯ୍ୟନିର୍ବାହି ନିର୍ଦ୍ଦେଶକ ଡ଼ ଅଜିତ ପଟ୍ଟନାୟକ, ପରିବେଶ କଂଗ୍ରେସର ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା, ସମାଜସେବୀ ଜଗଦାନନ୍ଦ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସେ କହିଥିଲେ । ଦେଶ ବିଦେଶର ବହୁ ଗବେଷକ ଏଥିରେ ଯୋଗଦେଇ ପରିବେଶ ସୁରକ୍ଷା ବିଷୟରେ ସନ୍ଦର୍ଭ ଉପସ୍ଥାପନ କରିବେ । ଅନୁରୂପ ଭାବେ ଆଜିର ଯୁବ-ଛାତ୍ର ସମାଜକୁ ପରିବେଶ ସୁରକ୍ଷାରେ ଅନୁପ୍ରେଣିତ କରିବା ଲାଗି ପିଲାଙ୍କ ପରିବେଶ କଂଗ୍ରେସ ମଧ୍ୟ ଉକ୍ତ ଦିନ ଆୟୋଜିତ ହେବ । ଏହି କଂଗ୍ରେସ ପୂର୍ବରୁ ଦୁଇଟି ବର୍ଗରେ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଣୁ ଏହାକୁ ସଫଳ କରିବାକୁ ଏଠାରେ ଆହ୍ୱାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ଇ ଟି ରାଓ, ଶିକ୍ଷାବିତ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଇକୋ କ୍ଲବ ସଂଯୋଜକ ଡ଼ ଶଙ୍କର ନାରାୟଣ ବେଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଶିଶୁଙ୍କୁ ନୂଆଜୀବନ ଦେଉଛି ଏନ୍‌ବିଏସ୍ ଟେଷ୍ଟିଂ

ବ୍ରହ୍ମପୁର, ୮ ।୧୨(ସମିସ)



- ୪ ମାସରେ ୧୨୦ ଶିଶୁଙ୍କ ଟେଷ୍ଟିଂରୁ ୧୩ ପଜିଟିଭ ଚିହ୍ନଟ
- ନିଦାନ ପରେ ସହଜ ହେଉଛି ଚିକିତ୍ସା, ସୁସ୍ଥ ହେଉଛନ୍ତି ନବଜାତକ

ରୋଗରୁ ମୁକ୍ତ ହେବା ପାଇଁ ରୋଗୀଙ୍କୁ ଔଷଧର ଯେତିକି ଆବଶ୍ୟକତା ଥାଏ ତାହାଠାରୁ ଜରୁରୀ ସଠିକ ସମୟରେ ରୋଗର ନିଦାନ ବା ନିରୂପଣ । ଏହାକୁ ଦୃଷ୍ଟିରେ ରଖି ନିକଟରେ ଏମ୍‌କେସିଜି ମେଡିକାଲରେ ନବଜାତଙ୍କ ପାଇଁ ନ୍ୟୁବର୍ଣ୍ଣ ସ୍କ୍ରିନିଂ ବା (ଏନ୍‌ବିଏସ୍) ରକ୍ତ ପରୀକ୍ଷା ଆରମ୍ଭ କରାଯାଇଛି । ବାୟୋକେମେଷ୍ଟ୍ରି ବିଭାଗ ପକ୍ଷରୁ ଶିଶୁଙ୍କର ଏହି ଟେଷ୍ଟିଂ କରାଯାଏ । ଗର୍ଭଧାରଣ ସମୟରେ ଗର୍ଭବତୀଙ୍କ କ୍ଷେତ୍ରରେ ଯଦି ଥାଏରଏଡ଼ ରୋଗ ଚିହ୍ନଟ ହୋଇଥାଏ । ତେବେ ମହିଳାଙ୍କ ପ୍ରସବ ପରେ ନବଜାତ ଶିଶୁର ଏନ୍‌ବିଏସ୍ ରକ୍ତ ପରୀକ୍ଷା କରିବା ଅତ୍ୟନ୍ତ ଜରୁରୀ । ଯାହା ଶିଶୁର ସମୟୋପଯୋଗୀ ଚିକିତ୍ସା ସହ ବିଭିନ୍ନ ରୋଗରୁ ମୁକ୍ତ କରିବା ପାଇଁ ଏହି ପରୀକ୍ଷା ବେଶ ସହାୟତା ହୋଇଥାଏ । ଶିଶୁଟି ଜନ୍ମ ସମୟରେ ନ କାନ୍ଦିବା, ସଠିକ୍ ଭାବେ ନ ଖାଇବା ଓ ଗୋଡ଼ ହାତ ନ ହଲାଇବା ଭଳି ବିଭିନ୍ନ ସମସ୍ୟା ଅନ୍ତର୍ଭୁକ୍ତ । ଗର୍ଭବତୀ ସମୟରେ ମା’ଙ୍କ ଶରୀରରେ ଯଦି ଥାଏରଏଡ୍ ରୋଗ ଥାଏ । ତେବେ ସେଥି ମଧ୍ୟରୁ ଅଧିକାଂଶ ନବଜାତ ଶିଶୁଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥାଏ । ଏହାକୁ ଯଦି ଅଣଦେଖା କରାଯାଏ । ତେବେ ଶିଶୁଟିର ମସ୍ତିଷ୍କ ସମେତ ଶରୀରର ବିକାଶରେ ପ୍ରଭାବ ପଡ଼ିଥାଏ । ଏଭଳି ଶିଶୁଙ୍କ ନିମନ୍ତେ ଏମ୍‌କେସିଜି ମେଡିକାଲର ବାୟୋକେମେଷ୍ଟ୍ରି ବିଭାଗ ପକ୍ଷରୁ ନ୍ୟୁବର୍ଣ୍ଣ ସ୍କ୍ରିନିଂ(ଏନବିଏସ) ରକ୍ତ ପରୀକ୍ଷାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଚଳିତ ବର୍ଷ ଅଗଷ୍ଟ ୮ ତାରିଖ ଠାରୁ ଏହି ଏନବିଏସ ଟେଷ୍ଟିଂ ଆରମ୍ଭ କରାଯାଇଛି । ରାଜ୍ୟରେ ପ୍ରଥମ ମେଡ଼ିକାଲ କଲେଜ ଭାବେ ୩ବର୍ଷ ପୂର୍ବେ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ପରୀକ୍ଷା ଆରମ୍ଭ ହୋଇଥିଲା । ଦ୍ୱିତୀୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଏନ୍‌ବିଏସ୍ ରକ୍ତ ପରୀକ୍ଷା ଆରମ୍ଭ ହୋଇଛି । ଗତ ୪ମାସ ମଧ୍ୟରେ ମୋଟ ୧୨୦ଜଣ ନବଜାତକଙ୍କ ଏନବିଏସ ପରୀକ୍ଷା କରାଯାଇଥିବା ବେଳେ ସେଥିମଧ୍ୟରୁ ୧୩ଜଣ ଶିଶୁଙ୍କ କ୍ଷେତ୍ରରେ ପଜିଟିଭ ଚିହ୍ନଟ ହୋଇଛି । ଚିହ୍ନଟ ଶିଶୁମାନେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ୩ମାସ ଔଷଧ ସେବନ କରିବା ପରେ ସୁସ୍ଥ ହୋଇଥାଆନ୍ତି । ଏବଂ ଏନ୍‌ବିଏସ୍ ପରୀକ୍ଷା ନିମନ୍ତେ ଶିଶୁଙ୍କ ରକ୍ତ ସଂଗ୍ରହ ଠାରୁ ଆରମ୍ଭ କରି ଔଷଧ ଖାଇ ସୁସ୍ଥ ହେବା ପର୍ଯ୍ୟନ୍ତ ବାୟୋକେମେଷ୍ଟ୍ରି ବିଭାଗ ପକ୍ଷରୁ ନବଜାତକଙ୍କ ପରିବାରକୁ ବିଭିନ୍ନ ପ୍ରକାରର ସଚେତନତା କରାଯିବା ସହ ଶିଶୁଟିର ସ୍ୱାସ୍ଥ୍ୟବସ୍ଥା ସେମାନଙ୍କ ଅଭିଭାବକଙ୍କୁ ପଚାରି ବୁଝିବା ସହ ସେମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଦିଆଯାଉଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ନିରୁପମା ଦେବୀ କହିଛନ୍ତି । ଅନ୍ୟପକ୍ଷରେ ଏନବିଏସ ପରୀକ୍ଷା ଜରିଆରେ ବର୍ତ୍ତମାନ ସୁଦ୍ଧା ୧୩ଜଣ ଶିଶୁଙ୍କ ରୋଗ ଚିହ୍ନଟ କରାଯାଇ ସେମାନଙ୍କୁ ନୂଆ ଜୀବନ ପ୍ରଦାନ କରାଯାଇପାରିଛି ।

## ଚିନ୍ମୟ ମିଶନ ପକ୍ଷରୁ ଗୀତାପାଠ ପ୍ରତିଯୋଗିତା

ବ୍ରହ୍ମପୁର, ୮ ।୧୨(ସମିସ): ସ୍ଥାନୀୟ ଚିନ୍ମୟ ମିଶନ ଆଶ୍ରମ ପକ୍ଷରୁ ରବିବାର ଗୀତାପାଠ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଚିନ୍ମୟ ମିଶନ ଆଶ୍ରମ ଆଚାର୍ଯ୍ୟ ସ୍ୱାମୀ ସଦଶିବାନନ୍ଦଙ୍କ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଡ. ବିଶ୍ମିତା ମଲ୍ଲିକ ଓ ଇଂ. ସ୍ୱାଧୀନ ପାଣିଗ୍ରାହୀ ଯୋଗ ଦେଇଥିଲେ । ଏଥିରେ ଜିଲ୍ଲାର ୧୭ ବିଦ୍ୟାଳୟର ୧୬୦ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ସର୍ବ କନିଷ୍ଠ, ଶିଶୁ ଓ ମଧ୍ୟମ ବର୍ଗରେ ଭାଗ କରାଯାଇଥିଲା । ଭଗବତ ଗୀତା ଆବୃତ୍ତିରେ ୫ମ ଅଧ୍ୟାୟର ୨୦ଟି ଶ୍ଲୋକପାଠ ଥିଲା । କୃତି ପ୍ରତିଯୋଗୀଙ୍କ ଚିନ୍ମୟ ମିଶନ ଆଶ୍ରମ ପକ୍ଷରୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ପ୍ରତିଯୋଗୀତାରେ ପୁରୁଷୋତ୍ତମ ଦାସ, ଅଖିଳ କୁମାର ପାତ୍ର, ଟି. ଅନିଲ କୁମାର ପାତ୍ର, ପି. ରାମାରାଓ ପାତ୍ର, କେ. ହେମଲତା, ରିତୁନ ପାତ୍ର, ତାରାପ୍ରସାଦ ଦାସଙ୍କ ସମେତ ୯ ଜଣ ବିଚାରକ ରହିଥିଲେ ।

## ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁର, ୮ ।୧୨(ସମିସ): ସ୍ଥାନୀୟ ଭିଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସପ୍ତାହ ଉପଲକ୍ଷେ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ସରକାରଙ୍କ ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ୍ ଷ୍ଟଡିସ ଓ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍‌ସିର ମିଳିତ ସହାୟତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ଉପସ୍ଥିତ ରହି ସଂରକ୍ଷଣ ଦିଗରେ ସଚେତନ ହୋଇ ଭବିଷ୍ୟତର ଶକ୍ତି ସଙ୍କଟକୁ ଦୂର କରିବା ପାଇଁ ଯତ୍ନବାନ



ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା, ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝୀ ଓ ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ଡ. ଶଙ୍କର ନାରାୟଣ ବେଜ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ୨୨ବ୍ଲକରୁ ୬୬ଜଣ ପ୍ରତିଯୋଗୀ ଗାଇଡ୍ ଶିକ୍ଷକଙ୍କ ସହ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଓଏଭି ଚମାଖଣ୍ଡିର ଖଣ୍ଡିର ଆର୍ ଆଦିତ୍ୟ କୁମାର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଏଭି ରାଜପୁ ରାଜପୁର ଅନ୍ୱେଶା ରାଣୀ ସ୍ୱାଇଁ ଦ୍ୱିତୀୟ ଓ ଶିବାନ ନୋଡାଲ ଉଚ୍ଚବିଦ୍ୟାଳୟର ଦୀପକ ପ୍ରଧାନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ଏହାକୁ ସଂଯୋଜନା କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିବା ବେଳେ ସେମାନେ ଆସନ୍ତା ୧୪ତାରିଖରେ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉତ୍ସବରେ ଯୋଗଦେ ବୋଲି ଜଣାପଡ଼ିଛି ।

# ଚାକିରି ନାଁରେ ଠକେଇ; ଜଣେ ଗିରଫ

**ବ୍ରହ୍ମପୁର,୮।୧୨:** ବିଭିନ୍ନ ଫାଇନାନ୍ସ କମ୍ପାନୀରେ ଚାକିରି ଦେବାକୁ କହି ଗଞ୍ଜାମ ସମେତ ଆଖାପାଖ ଜିଲ୍ଲାର ଏକାଧିକ ଯୁବକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ହୋଇଛି। ଏ ନେଇ ଅଭିଯୋଗ ପରେ ବ୍ରହ୍ମପୁର ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଆମ୍ବପୁଆ ଅଞ୍ଚଳର ଜେଭି କ୍ରିଷ୍ଟାସାଗର(୬୦) ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।। ହେଲେ ଏହି ଠକେଇ ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ୨ ଜଣ ଅଭିଯୁକ୍ତ ଫେରାର ରହିଥିବା ଜଣାପଡ଼ିଛି। କ୍ରିଷ୍ଟାସାଗର ସମେତ ଅନ୍ୟ ୨ ଜଣ ଗାନ୍ଧୀନଗର ୫ମ ଲାଇନରେ ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ ଅଫ ଓଡ଼ିଶା ନାମକ ଏକ ସଂସ୍ଥା ଖୋଲିଥିଲେ। ଏହି ସଂସ୍ଥା ଜରିଆରେ ବେକାର ଯୁବକ ଯୁବତୀଙ୍କୁ ବିଭିନ୍ନ ଘରୋଇ ବ୍ୟାଙ୍କ ଓ ଫାଇନାନ୍ସ କମ୍ପାନୀରେ ଚାକିରି କରାଇଦେବେ ବୋଲି କହିଥିଲେ। ସେହିକ୍ରମରେ ଅଭିଯୁକ୍ତମାନେ ଗଜପତି ଜିଲାର ଯୁବକ ମିଲୁ ନାୟକଙ୍କୁ ସଂଯୋଜକ ଭାବେ ନିଯୁକ୍ତ କରି ବେକାର ଯୁବକ ଯୁବତୀଙ୍କ ଠାରୁ ବାୟୋଡାଟା ସହ ଟଙ୍କା ସଂଗ୍ରହ କରିବାକୁ କହିଥିଲେ। ଅଭିଯୁକ୍ତମାନେ ଏନ୍ଏସ୍ଡିଏଲ୍ ପେମେଣ୍ଟସ୍ ବ୍ୟାଙ୍କ, ପେଓ ପେମେଣ୍ଟ ବ୍ୟାଙ୍କ, ଆନନ୍ଦ ମାଇକ୍ରୋଫାଇନାନ୍ସ ବ୍ୟାଙ୍କରେ ଚାକିରି କରାଇଦେବେ ବୋଲି କହିଥିଲେ। ସେହିକ୍ରମରେ ମିଲୁ ଗଞ୍ଜାମ, ଗଜପତି, କନ୍ଧମାଳ ଜିଲାର ଅଷ୍ଟମ ଶ୍ରେଣୀ ପାସ କରିଥିବା ବେକାର ଯୁବକ ଯୁବତୀଙ୍କ ସହ ଅନ୍ୟ ଆଦିବାସୀ ଶିକ୍ଷକ ଯୁବକଙ୍କୁ ଯୋଗାଯୋଗ କରି ବାୟୋଡାଟା ସଂଗ୍ରହ କରିଥିଲେ। ଚାକିରି କରିବାକୁ ସେ କାହା ଠାରୁ ୮ ହଜାର ଟଙ୍କା ତ ଆଉ କାହା ଠାରୁ ୩୦ ହଜାର ଟଙ୍କା ସଂଗ୍ରହ କରି ମୋଟ ୩ ଲକ୍ଷ ୪୦ ହଜାର ଟଙ୍କା ଅଭିଯୁକ୍ତଙ୍କୁ ଦେଇଥିଲେ। ହେଲେ ଅନେକ ଦିନ ଯାଏଁ ଚାକିରି ନମିନଥିଲା। ଚଳିତମାସ ଜୁଲାଇ ମାସରେ ମିଲୁ ନାୟକ ସହ ଅନ୍ୟ ଜଣେ ଚାକିରି ଆଶାୟୀ ଗାନ୍ଧୀନଗର ସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଏ ବିଷୟରେ ପଚରାଉଚରା ବେଳେ ଅଭିଯୁକ୍ତମାନେ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା ଧମକ ଦେଇଥିଲେ। ଏପରିକି ୨ ଜଣଙ୍କୁ କାର୍ଯ୍ୟାଳୟ ଭିତରେ ବନ୍ଦ କରି ଚମ୍ପଟ ମାରିଥିଲେ। ହେଲେ ଟଙ୍କା ନଦେଲେ ପୁଲିସରେ ଅଭିଯୋଗ କରିବାକୁ କହିବା ପରେ ଅଭିଯୁକ୍ତ କ୍ରିଷ୍ଟାସାଗର ସେମାନଙ୍କୁ ବୁଝାସୁଝା କରିବା ସହ ବିଭିନ୍ନ ଯୁବକଙ୍କ ଠାରୁ ସଂଗ୍ରହ ହୋଇଥିବା ଟଙ୍କା ଗୋଟିଏ ସ୍ଥାନରେ ବିନିଯୋଗ କରାଯାଇଛି ବୋଲି କହିଥିଲେ। କିଛି ଦିନ ଅପେକ୍ଷା କର ସମସ୍ତଙ୍କ ଟଙ୍କା ଫେରାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ଭିତରେ ଏକାଧିକ ମାସ ବିତି ଯାଇଥିଲେ ମଧ୍ୟ ଟଙ୍କା ନମିଳିବାରୁ ମିଲୁ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ଋଣ ଜାଲିଆତି କରି ୪ ଲକ୍ଷ ଠକେଇ

# ସଫେଇ କର୍ମଚାରୀ ଗିରଫ

**● ବନ୍ଧୁ ଟଙ୍କା ପଠାଇବ କହି ଆଧାର କାର୍ଡ, ଆକାଉଣ୍ଟ ନମ୍ବର ଓ ପାନକାର୍ଡ ନେଇଥିଲା**

**ବ୍ରହ୍ମପୁର,୮ ।୧୨(ସମିସ)**

ଜନୈକ ସୁରକ୍ଷାକର୍ମୀଙ୍କ ନାମରେ ଋଣ କରି ୪ଲକ୍ଷ ଠକି ନେଇଥିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଆସିକା ଥାନା କର୍ପୁର ନୂଆଗାଁର ଦେବାଶିଷ ପଟ୍ଟନାୟକ(୩୦) । ଅଭିଯୁକ୍ତ ଦେବାଶିଷ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ମୋବାଇଲ, ଆଧାର କାର୍ଡ, ପାନ କାର୍ଡ ଓ ଟଙ୍କା ନେଣଦେଣର ସ୍କ୍ରିନସଟ ଆଦିକୁ ଜବତ କରିଛି। ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ଗୁରୁଣ୍ଟି ଗ୍ରାମର ବଳରାମ ସେଠୀ(୩୫) ନାମକ ଜଣେ ଯୁବକ ବ୍ରହ୍ମପୁର ସହରରେ ଥିବା ଟିପିଏସ୍ଓଡିଏଲ୍ କାର୍ଯ୍ୟାଳୟରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟରତ। ସେହି କାର୍ଯ୍ୟାଳୟରେ ଅଭିଯୁକ୍ତ ଦେବାଶିଷ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଉଭୟ ଗୋଟିଏ କାର୍ଯ୍ୟାଳୟରେ କାମ କରୁଥିବାରୁ ଅଭିଯୁକ୍ତ ଦେବାଶିଷ ସୁରକ୍ଷାକର୍ମୀ ବଳରାମଙ୍କ ସହ ମଧ୍ୟରେ ବନ୍ଧୁତା ଥିଲା। ଅଭିଯୁକ୍ତ ଦେବାଶିଷ କିଛିଦିନ ପୂର୍ବେ ବଳରାମଙ୍କୁ ଡାକି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଜଣେ ବନ୍ଧୁ ଟଙ୍କା ପଠାଇବ ବୋଲି କହିଥିଲେ। ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ କିଛି କମିଶନ ବଳରାମଙ୍କୁ ଦେବେ ବୋଲି ମଧ୍ୟ ସେ କହିଥିଲେ। ତେବେ ଏଥିପାଇଁ ଦେବାଶିଷ ତାଙ୍କ ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ପାନକାର୍ଡ ଆଦି



ମାଗି ନେଇଥିଲେ। ଆଉ ବଳରାମଙ୍କ ଡକ୍ୟୁମେଣ୍ଟ ବ୍ୟବହାର କରି ଦେବାଶିଷ ତାଙ୍କ ନାମରେ ୨ଟି ଘରୋଇ ସଂସ୍ଥାରୁ ପ୍ରାୟ ୩ଲକ୍ଷ ୫୬ହଜାର ଟଙ୍କା ଋଣ ଆବେଦନ କରି ଦେଇଥିଲେ। ହେଲେ ଏ ସମ୍ପର୍କରେ ବଳରାମ କିଛି ବି ଜାଣିପାରିନଥିଲେ। ଗତ ଅକ୍ଟୋବର ୨୩ତାରିଖରେ ବଳରାମଙ୍କ ଆକାଉଣ୍ଟକୁ ୬୮ହଜାର ଟଙ୍କା ଆସିଥିଲା। ଟଙ୍କା ଆସିବା ପରେ ଦେବାଶିଷ ତାଙ୍କ ନିକଟରେ ପହଞ୍ଚି ସେହି ଟଙ୍କା ଜଣେ ସାଙ୍ଗ ପଠାଇଥିବା କହି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଯାଇଥିଲେ। ଏହାର ୬ଦିନ ପରେ ପୁଣି ୨ଲକ୍ଷ ୮୮ହଜାର ଟଙ୍କା ବଳରାମଙ୍କ ଆକାଉଣ୍ଟକୁ ଆସିଥିଲା। ଉକ୍ତ ଟଙ୍କାକୁ ମଧ୍ୟ ଦେବାଶିଷ ନେଇଯାଇଥିଲେ। ତେବେ କିଛିଦିନ ପରେ ସେହି ଋଣ ବାବଦ ଇଏମ୍ଆଇ ପଇଠ କରିବାକୁ ବଳରାମଙ୍କ ନିକଟକୁ ମେସେଜ ଓ ଫୋନ ଆସିବା ପରେ ସେ ଚକିତ ହୋଇଯାଇଥିଲେ। ସେ କୌଣସି ସ୍ଥାନରୁ ଋଣ ନେଇ ନଥିବା ବେଳେ ତାଙ୍କ ନାମରେ ମାସିକ ହଜାର ହଜାର ଟଙ୍କାର ଇଏମ୍ଆଇ ପୈଠ ନେଇ ଆସିଥିବା ମେସେଜକୁ ନେଇ ସେ ଯାଞ୍ଚ କରିଥିଲେ। ଏବଂ ଦେବାଶିଷଙ୍କୁ ଏନେଇ ପଚରାଉଚରା ପରେ ସେ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ବଳରାମ ସାଇବର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଦେବାଶିଷକୁ ଗିରଫ କରିଥିଲା।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ଖଲ୍ଲିକୋଟ,୮ ।୧୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନାରାୟଣୀ ଛକରେ ରବିବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣା ଘଟି ସ୍ୱାମୀ, ସ୍ତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ଲଙ୍ଗଳେଶ୍ୱର ଗ୍ରାମର ପଞ୍ଚୁ ବେହେରା (୫୦) ଓ ତାଙ୍କ ପତ୍ନୀ ନମିତା ବେହେରା। ଉଭୟେ ଏକ ବାଇକ ଯୋଗେ ବାଣପୁରରୁ ଫେରୁଥିବା ବେଳେ ନାରାୟଣୀ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଏଠାରେ ନମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବାବେଳେ ପଞ୍ଚୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ, ଚାଳକ ଅଟକ

**ଦିଗପହଣ୍ଡି,୮ ।୧୨(ସମିସ):** ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତା ଗୋକର୍ଣ୍ଣପୁର ଗ୍ରାମ ନିକଟରେ ଶନିବାର ଅପରାହ୍ଣରେ ପିକଅପ୍ ସହ ସ୍କୁଟି ମୁହାଁମୁହିଁ ହୋଇଥିଲା। ଫଳରେ ସ୍କୁଟିରେ ବସିଥିବା ଦୁଇଜଣ ଯୁବକ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମପୁର ସଦର ଥାନା ରୋହିଗାଁ ଗ୍ରାମର ସ୍କୁଟି ଚାଳକ ସନ୍ତୋଷ କୁମାର ସେଠୀ। ସନ୍ତୋଷ ଓ ତାଙ୍କ ସାଙ୍ଗ ରିଙ୍କୁ ଜେନା ମିଶି ଶନିବାର ଅପରାହ୍ଣ ୪ଟାରେ ସ୍କୁଟିନଂ (ଓଡି ୦୭ ଏଏ - ୯୦୧୫) ଯୋଗେ ଦିଗପହଣ୍ଡି ଆସୁଥିବାବେଳେ ବ୍ରହ୍ମପୁରରୁ ଦିଗପହଣ୍ଡି ଆସୁଥିବା ପିକଅପ୍ ଭ୍ୟାନ ନଂ (ଓଡି୦୭ ଏ ଏସ୍ ୨୮ ୫୭) ମଧ୍ୟରେ ଧକ୍କା ହୋଇଥିଲା। ଯାହାଫଳରେ ଉଭୟେ ରାସ୍ତା କଡ଼କୁ ଛିଟକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତରିତ କରିଥିଲେ। ରାତି ୧୧ଟାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ରବିବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଦିଗପହଣ୍ଡି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିବା ସହ ଥାନା ମାମଲା ନଂ. ୪୮୫/୨୪ ପ୍ରକାରେ ମକଦ୍ଦମା ରୁଜୁ କରି ପିକ୍ଅପ୍ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ସାପ ଖେଳାଳିକୁ ଗିରଫ କଲା ବନ ବିଭାଗ



**ଭଞ୍ଜନଗର/ବେଲଗୁଣ୍ଠା,୮ ।୧୨(ସମିସ):** ଘରେ ସରୀସୃପଙ୍କୁ ରଖିବା ଏବଂ ସେମାନଙ୍କୁ ନେଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ବ୍ୟବହାର କରିବା ସମ୍ପୂର୍ଣ୍ଣ ବେଆଇନ୍ ଥିବା ବେଳେ ସୋରଡ଼ା ଅଞ୍ଚଳର ଜଣେ ଯୁବକ ଏକ ବୋଡ଼ା ସାପକୁ ଆଣି ବହୁଦିନ ଧରି ସାପ ଖେଳାଉଥିଲେ। ଏପରିକି ସାପ ଖେଳାଇ ଟଙ୍କା ଆଦାୟ କରି ଗୁଜୁରାଣ ମେଣ୍ଟାଉଥିଲେ। ଖବର ପାଇ ସ୍ଥାନୀୟ ବନ ବିଭାଗ ସାପକୁ ଜବତ କରିବା ସହିତ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ସୋରଡା ବ୍ଲକ୍ ଅନ୍ତର୍ଗତ ମାଳତୀଡୁଠ ଗ୍ରାମର ଜାନକୀ ନାଇକ (୩୨)। ରବିବାର କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବେଲଗୁଣ୍ଠା ସେକ୍ସନ୍ ବନପାଳ ଜି ଭେଙ୍କଟ ରାଓ ଦୋରାଙ୍କ ନେତୃତ୍ୱରେ ସୁତୁମୁସର ଠାରେ ସାପ ଖେଳାଳୀକୁ ଗିରଫ କରାଯାଇଥିଲା। ଯୁବକଙ୍କ ନାମରେ ୧୦୮/୨୪ ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ତାକୁ କୋର୍ଟଚାଲାଣ କରାଯିବ ବୋଲି ବନପାଳ ଜି ଭେଙ୍କଟ ରାଓ ଦୋରା ପ୍ରକାଶ କରିଛନ୍ତି।

## କଣ୍ଟେନର ଧକ୍କାରେ ଶିକ୍ଷୟିତ୍ରୀ ମୃତ

**● ବର୍ତ୍ତିଲେ ସ୍ୱାମୀ ଓ ପୁଅ**



ବ୍ରହ୍ମପୁର,୮ ।୧୨(ସମିସ): ରବିବାର ପୂର୍ବାହ୍ଣରେ ଗୋପାଳପୁର ଥାନା ପୁକୁଡ଼ିବନ୍ଧ ଛକ ଠାରେ ଜାତୀୟ ରାଜପଥରେ ଏକ ବାଇକ୍କୁ କଣ୍ଟେନର ଧକ୍କା ଦେବା ଫଳରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଓ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତ ଶିକ୍ଷୟିତ୍ରୀ ହେଲେ ଗଜପତି ଜିଲ୍ଲା ଅତରସିଂ ଗ୍ରାମର ସନାତନ ମଣ୍ଡଳଙ୍କ ପତ୍ନୀ ପ୍ରଭାସିନୀ ଶବର (୪୨)। ସେ ଜଣେ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସେ ତାଙ୍କ ସ୍ୱାମୀ ସନାତନ ଓ ପୁଅ ଆଦିଙ୍କ ସହ ପୁକୁଡିବନ୍ଧ ଛକରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। କେଏ ୫୨ବି୯୬୬୭ ନମ୍ବର ବିଶିଷ୍ଟ ଏକ କଣ୍ଟେନର ତାଙ୍କ ବାଇକ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ୩ଜଣ ଗାଡ଼ିରୁ ଛିଟିକି ପଡ଼ିଥିଲେ। ପ୍ରଭାସିନୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଗୋପାଳପୁର ପୁଲିସ ପହଞ୍ଚି ମରଶରୀରକୁ ବ୍ରହ୍ମପୁର ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ୱାମୀ ସନାତନଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ଗାଡ଼ିକୁ ଜବତ କରି ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ପୁଅକୁ ବ୍ରହ୍ମପୁର ଆମ୍ବପୁଆ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ହଷ୍ଟେଲରେ ଛାଡ଼ିବାକୁ ଦମ୍ପତି ଆସିଥିଲେ।

## ଇନ୍‌ପୁଟ୍ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ



**ଫୁଲବାଣୀ,୮।୧୨(ସମିସ):** କନ୍ଧମାଳରେ ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ରାଶି ବଣ୍ଟନର ଶୁଭାରମ୍ଭ ହୋଇଛି। ଏହି ଅବସରରେ କନ୍ଧମାଳ ଜିଲ୍ଲାର ଚାଷୀଙ୍କୁ ମଧ୍ୟ ଧାନର ସର୍ବନିମ୍ନ ଏଫ୍ଏକ୍ୟୁ ମୂଲ୍ୟ କ୍ୱିଣ୍ଟାଲ ପିଛା ୨ହଜାର ୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ସହିତ ସମୁଦାୟ ୩ ହଜାର ୧୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କରୋନେସନ ପଡ଼ିଆରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଯୋଗ ଦେଇଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ସମ୍ମାନ ଜଣାଇବା ସହିତ ସେମାନଙ୍କୁ ସେମାନଙ୍କର କଠିନ ପରିଶ୍ରମର ମୂଲ୍ୟ ଦେଉଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରତିଶ୍ରୁତିକୁ ପ୍ରଥମ ବର୍ଷରୁ ହିଁ ଲାଗୁ କରିଛନ୍ତି। ଯେଉଁ ଅତିରିକ୍ତ ଇନ୍‌ପୁଟ୍ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି ତାହା ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟରେ ଜମାହେବ। ତାଙ୍କର ଅନୁରୋଧକ୍ରମେ ଜିଲ୍ଲାପାଳ ଆସନ୍ତା ମାସରୁ ଆଉ ୪୪ଟି ରିଟେଲ ପଏଣ୍ଟ ଖୋଲିଛନ୍ତି। ଫଳରେ ନିଜର ଘର ପାଖରେ ଧାନ ବିକ୍ରୟ କରିବା ସହିତ ଆଗାମୀ ଦିନରେ ମାସିକ ଚାଉଳ ମଧ୍ୟ ସଂଗ୍ରହ କରିପାରିବେ ବୋଲି ଶ୍ରୀ ମଲ୍ଲିକ କହିଥିଲେ।

କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଖରିଫ ୨୦୨୪-୨୫ ବର୍ଷ ସକାଶେ ଧାନକ୍ରୟ ଉପରେ ସୂଚନା ଦେବା ସହିତ ଧାନର ସର୍ବନିମ୍ନ ମୂଲ୍ୟ ସହିତ ଅତିରିକ୍ତ ଇନ୍‌ପୁଟ୍ ସହାୟକ ରାଶି କିଭଳି ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟରେ ଜମାହେବ ସେ ବିଷୟରେ ଆଲୋଚନା କରିଥିଲେ। ଗତ ବର୍ଷ ପ୍ରାୟ ୭୦ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବାବେଳେ ଚଳିତ ବର୍ଷ ୧ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ ପାଇଁ ଆଶା କରାଯାଉଛି। ଧାନ ଅମଳରେ ବିଳମ୍ବ ଓ ଚାଷୀମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ଚଳିତ ମାସ ୨୪ ତାରିଖରୁ ଧାନ କ୍ରୟ ଆରମ୍ଭ ହେବ ବୋଲି ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଓ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

## ଓଡ଼ିଆ ଅଧ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଛତ୍ରପୁର,୮ ।୧୨(ସମିସ):** ଓଡ଼ିଆ ସମେତ ଭାରତ ବର୍ଷର ବିଭିନ୍ନ ଆଞ୍ଚଳିକ ଭାଷାର ବିକାଶ ସହିତ ଛାତ୍ରଛାତ୍ରୀଙ୍କ ଜ୍ଞାନର ପରିସର ବୃଦ୍ଧି କରିବାରେ 'ନୂତନ ଶିକ୍ଷାନୀତି : ୨୦୨୦' ନିଶ୍ଚିତ ରୂପେ ଉପଯୋଗୀ ହେବ କ୍ଷ ଶିକ୍ଷା କେବଳ ଜୀବନରେ ସଫଳତା ଆଣେ ନାହିଁ ; ବରଂ ଛାତ୍ରଛାତ୍ରୀଙ୍କ ଭିତରେ ଦୃଢ଼ ଇଚ୍ଛାଶକ୍ତି ସୃଷ୍ଟି କରିବା ସଂଗେ ସଂଗେ ବ୍ୟକ୍ତିତ୍'' ବିକାଶରେ ସହାୟକ ହୋଇଥାଏ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷା ଶୁଭଶ୍ରୀ ନନ୍ଦ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ପ୍ରଦେଶ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ଥାନୀୟ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସହଯୋଗିତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶ୍ରୀମତୀ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ଏହି ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ଓ ମୁଖ୍ୟାଳୟ ଉପସଚିବ ଡ. ଯଶୋବନ୍ତ ସାମଲ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ। ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଉପସଚିବ ଡ. ଓଝା ତାଙ୍କ ବକ୍ତବ୍ୟରେ ଓଡ଼ିଆ ଭାଷା ଅଢ଼େଇ ହଜାର ବର୍ଷର ଏକ ସମ୍ଭ୍ରାନ୍ତ, ବିଜ୍ଞାନ ସମ୍ମତ ବୋଲି କହିଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ଇମତିହାନ୍ ଶାହା ସଂଯୋଜନା କରିଥିଲେ। ବିଭାଗୀୟ ଅଧ୍ୟାପିକା ଡ. ସୁରଚିତା ପଟ୍ଟନାୟକ ଓ ଡ. ଶାନ୍ତିଲତା ବେହେରା କାର୍ଯ୍ୟକ୍ରମର ସଂଚାଳନା କରିଥିବା ବେଳେ ଡ. ସୁଚିସ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅଭିଳାଷ ପ୍ରଥମ




**ଜି.ଉଦୟଗିରି,୮।୧୨(ସମିସ):** ଫୁଲବାଣୀରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଜି.ଉଦୟଗିରି ହବାକ୍ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଅଭିଳାଷ ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଶକ୍ତି ସଂରକ୍ଷଣ ବିଷୟ ବସ୍ତୁକୁ ନେଇ ଲିଖିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲା ବିଜ୍ଞାନ ନିରିକ୍ଷକ ଅଶୋକ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାନପତ୍ର ସହିତ ପୁରସ୍କୃତ କରିଥିବା ବେଳେ ଗାଇଡ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ ଉପସ୍ଥିତ ରହିଥିଲେ।

## ଓୟୁଏଟିର ସମାବର୍ତ୍ତନ ଉତ୍ସବରେ ବୈଜ୍ଞାନିକ ସମ୍ମାନିତ



**ଜି.ଉଦୟଗିରି,୮।୧୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ମୁଖୀ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନରେ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ଫେବୃୟାରୀ୨୦୨୩ ଲାଭ କରିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱିଦ୍ୟାଳୟ (ଓୟୁଏଟି) ଭୁବନେଶ୍ୱରର ୪୦ ତମ ସମାବର୍ତ୍ତନ ଉତ୍ସବରେ କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ତର୍ଗତ ମହଙ୍ଗପଡ଼ା ଗ୍ରାମ ନିବାସୀ ବୈଜ୍ଞାନିକ ସୁଜିତ୍ କୁମାର୍ ମୁଖୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରିଛନ୍ତି। ୪୦ ତମ ସମାବର୍ତ୍ତନ ଉତ୍ସବରେ ଶ୍ରୀ ମୁଖୀ ଏହି ସମ୍ମାନ ଗ୍ରହଣ କରିଛନ୍ତି।

## ପଞ୍ଚ ମହାଯଜ୍ଞ ପାଇଁ କଳସ ଯାତ୍ରା

**କବିସୂର୍ଯ୍ୟନଗର,୮ ।୧୨(ସମିସ):** କବିସୂର୍ଯ୍ୟନଗରର ଆଠଗଡ଼ପାଟଣାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସୁଧର୍ମା ସେବା ସଂଘ ପକ୍ଷରୁ ଅନନ୍ତ ମାଧବ ଯୁଗୋପଯୋଗୀ ଜନ କଲ୍ୟାଣ ପଞ୍ଚ ମହାଯଜ୍ଞ ଲାଗି କଳସ ଯାତ୍ରା ହୋଇଯାଇଛି। ଶନିବାର ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ମହାରାଜ ଦୁର୍ଗାଶଙ୍କର ପ୍ରସାଦ ହରିଚନ୍ଦନ ଜଗଦେବ, ସମ୍ମାନିତ ଅତିଥି ସମାଜସେବୀ କିଶୋର ଚନ୍ଦ୍ର ପଣ୍ଡା, ଅବସର ଶିକ୍ଷକ ଜଗବନ୍ଧୁ ଭୋଳ, ପ୍ରବଚକ ବଂଶୀଧର ବିଷୋୟୀ ଯୋଗ ଦେଇଥିଲେ। ସେହିପରି ରବିବାର ଦିନ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟିକା ଲତିକା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଠଗଡପାଟଣା ସରପଞ୍ଚ ଛବିରାଣୀ ତ୍ରିପାଠୀ, ସମିତିସଭ୍ୟା ଅମ୍ବିକା ପୋଲାଇ, ପ୍ରବଚକ ଡ଼. ପ୍ରଭୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଳସ ଯାତ୍ରା ଆଠଗଡ଼ପାଟଣାରେ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ଚରଣ, ଅଙ୍କୁରୋପଣ, ଯଜ୍ଞାଧିବାସ, ନାମଯଜ୍ଞାଧିବାସ, କଳାଧିବାସ, ସାଲା ପ୍ରବେଶ ଇତ୍ୟାଦି ଅନୁଷ୍ଠିତ ହୋଇଛି।



# ମଉସାଙ୍କୁ ଆକ୍ରମଣ କରି ସୁନା ଓ ଟଙ୍କା ଲୁଟ୍ ଘଟଣାରେ ପୁତୁରା ଗିରଫ

**ବ୍ରହ୍ମପୁର,୮ ।୧୨(ସମିସ)**

ମଉସାଙ୍କୁ ଆକ୍ରମଣ କରି ଟଙ୍କା ଓ ସୁନା ସହ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଲୁଟ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ପୁତୁରାକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ନିକଟ ସାବତ କଲେନୀ ନିବାସୀ ଚନ୍ଦନ ବିଶ୍ୱାଳ(୧୯)। ଗିରଫ ଅଭିଯୁକ୍ତ ଚନ୍ଦନ ନିକଟରୁ ପୁଲିସ ଏକ କେଟିଏମ୍ ବାଇକ ସମେତ ୩ଟି ବାଇକ, ଗୋଟିଏ ଲାପଟପ୍ ଓ ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଫରେଷ୍ଟ କଲୋନୀରେ ଭଞ୍ଜକିଶୋର ନନ୍ଦ ନିଜ ପରିବାର ସହ ରହୁଛନ୍ତି। ଭଞ୍ଜକିଶୋରଙ୍କ ଶାଳୀଙ୍କ ପୁଅ ତଥା ପୁତୁରା ହେଉଛନ୍ତି

**୩ ବାଇକ୍, ଲାପଟପ୍ ଓ ମୋବାଇଲ୍ ଜବତ**

ଅଭିଯୁକ୍ତ ଚନ୍ଦନ। କିଛିଦିନ ପୂର୍ବେ ଅଭିଯୁକ୍ତ ଚନ୍ଦନ ଏମ୍କେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଭଞ୍ଜକିଶୋରଙ୍କ ଘରେ ରହିଥିଲେ। ଗତ ୨୪ତାରିଖରେ ଅଭିଯୁକ୍ତ



ଚନ୍ଦନ ହାତଖର୍ଚ୍ଚ ପାଇଁ ନିଜ ମଉସା ଭଞ୍ଜକିଶୋରକୁ ଟଙ୍କା ମାଗିଥିଲେ। ହେଲେ ଭଞ୍ଜକିଶୋର ଟଙ୍କା ନଦେବାରୁ ଚନ୍ଦନ ଉତ୍କ୍ଷିପ୍ତ ହୋଇ ଏକ ପଥର ସାହାଯ୍ୟରେ ଭଞ୍ଜକିଶୋରଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଭଞ୍ଜକିଶୋର ଅଚେତ ହୋଇ ପଡ଼ିଯାଇଥିଲେ। ଏହାପରେ ଚନ୍ଦନ ମଉସାଙ୍କ ଘରର ଆଲମିରା ଭାଙ୍ଗି ନଗଦ ୫୦ହଜାର ଟଙ୍କା, ଗୋଟିଏ ସୁନା ମୁଦି, ଦାମୀ ଲାପଟପ୍ ଆଦି ଲୁଟ୍ କରି ଚମ୍ପଟ ମାରିଥିଲା। ପରିବାର ଲୋକେ ଭଞ୍ଜକିଶୋରକୁ ଗୁରୁତର ଅବସ୍ଥାରେ କଟକ ଏସ୍ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଖବରପାଇ ମାଲକାନଗିରିରେ ଶିକ୍ଷୟିତ୍ରୀ ଭାବେ ଚାକିରି କରୁଥିବା ଭଞ୍ଜକିଶୋରଙ୍କ ପତ୍ନୀ ସଂଯୁକ୍ତା ପ୍ରଧାନ ଡାକ୍ତରଖାନାରେ ପହଞ୍ଚିଥିଲେ। ଭଞ୍ଜକିଶୋର କୋମାରେ ଥିବାରୁ ବର୍ତ୍ତମାନ ସୁଦ୍ଧା ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ତେବେ କଟକରୁ ଆସି ସଂଯୁକ୍ତା ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଥିଲା। ଅଭିଯୁକ୍ତ ଚନ୍ଦନଙ୍କ ନାମରେ ପୂର୍ବରୁ ବୈଦ୍ୟନାଥପୁର ଥାନା, ବଡ଼ବଜାର ଥାନାରେ ଚୋରି ଓ ଜାଲିଆତି ଭଳି ୫ରୁ ଅଧିକ ମାମଲା ରହିଥିବା ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

ଉଜୁଡ଼ା ଫସଲର କ୍ଷତିପୂରଣ ବ୍ୟବସ୍ଥା ନଥିବାରୁ ତାତିଲେ ଚାଷୀ

# ଇନ୍‌ପୁଟ୍ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ହୋ ହଲ୍ଲା

## ସଭାସ୍ଥଳ ଛାଡ଼ି ଚାଲିଗଲେ ଅସନ୍ତୁଷ୍ଟ ଚାଷୀ

ପାରଳାଖେମୁଣ୍ଡି,୮ ।୧୨(ସମିସ): ବରଗଡ ଜିଲ୍ଲାର ସୋହେଲା ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କ ନିମନ୍ତେ ୮୦୦ ଟଙ୍କା ଇନପୁଟ୍ ସହାୟତା ରାଶି ପ୍ରଦାନ ନେଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମରେ ତାର ସିଧାପ୍ରସାରଣ ବ୍ୟବସ୍ଥା କରାଯିବା ସହ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଚଳିତବର୍ଷ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଫସଲର କ୍ଷତିପୂରଣ ବାବଦରେ ମଞ୍ଚରେ କେହି ପଦୁଟିଏ ନକହିବାରୁ ଚାଷୀ ତାତିଥିଲେ। ମଞ୍ଚକୁ ଉଠି ନିଜର ଅସନ୍ତୋଷ ଜଣାଇ ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା



ବିଧାୟକ ଦାଶରଥି ଗମାଙ୍ଗ, ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଜିଲ୍ଲା କୃଷି ଅଧିକାରୀ ଏ. ରାମ ପ୍ରସାଦ ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଓ ଏଆରସିଏସ୍ ହରିହର ସେଠ୍ ପ୍ରମୁଖ ମଞ୍ଚାସୀନ ହୋଇ ଚାଷୀଙ୍କ ପାଇଁ ଇନ୍‌ପୁଟ୍ ସହାୟତା ରାଶି ସମ୍ପର୍କରେ କହିଥିଲେ। ପାରଳାଖେମୁଣ୍ଡି ବିଧାୟକ ଶ୍ରୀ ପାଣିଗ୍ରାହୀ ଜିଲ୍ଲା ଯୋଗାଣ ଅଧିକାରୀ ଓଡ଼ିଆରେ ଭାଷଣ ଦେଉଥିବା ବେଳେ ତାଙ୍କ ପାଖରେ ଠିଆ ହୋଇ ତେଲୁଗୁରେ ଅନୁବାଦ କରି କହୁଥିଲେ । ତା ପରେ ବିଧାୟକ ଶ୍ରୀ ପାଣିଗ୍ରାହୀ ନିଜର ଭାଷଣ ଦେଇ ଚାଲିଯାଇଥିଲେ। ଏହାପରେ ମୋହନା ବିଧାୟକ ଶ୍ରୀ ଗମାଙ୍ଗ ଚାଷୀଙ୍କୁ ବକ୍ତବ୍ୟ ଦେଇଥିଲେ। ତାଙ୍କର ଭାଷଣ ସରୁ ସରୁ ହଠାତ୍ କିଛି ଚାଷୀ ମଞ୍ଚ ଉପରକୁ ଚଢ଼ିଯାଇ ଜିଲ୍ଲାରେ ଚାଷୀ ସମସ୍ୟା ଓ ବର୍ଷା ଲାଗି ଧାନ ନଷ୍ଟ ହୋଇଛି ସେ ନେଇକି ବ୍ୟବସ୍ଥା କରାଯାଇଛି କି ବୋଲି ତାର ଉତ୍ତର ପ୍ରଶାସନ ଦେଉ ବୋଲି ପ୍ରଶ୍ନ ପଚାରିଥିଲେ। ଏହି ସମୟରେ ମୋହନା ବିଧାୟକ ଶ୍ରୀ ଗମାଙ୍ଗ ଚାଷୀଙ୍କୁ ବୁଝାସୁଝା କରିବା ସହ ଅଧିକାରୀ ପ୍ରଶ୍ନର ଉତ୍ତର ରଖିବେ ବୋଲି କହି ମଞ୍ଚ ତଳକୁ ପଠାଇ ଦେଇଥିଲେ ମଧ୍ୟ ଚାଷୀ ମଞ୍ଚ ତଳକୁ ଯାଇ ମାଇକ୍ ଧରି ହୋ ହାଲ୍ଲା କରିବା ସହ ପୁଣି ପ୍ରଶ୍ନ ବାଣ ଆରମ୍ଭ କରିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ବେହେରା ଭଗବାନ ବର୍ଷା କରୁଛନ୍ତି ଏବଂ ଚାଷୀମାନେ ଧାନକୁ ନିଜେ ନିଜେ ସୁରକ୍ଷିତ ଭାବେ ରଖିବାର ବ୍ୟବସ୍ଥା କରନ୍ତୁ ଓ ଏ ବିଷୟରେ ଆମେ ସରକାରଙ୍କୁ ଜଣାଇବୁ ବୋଲି କହିଥିଲେ। ଏହା ଶୁଣିବାପରେ ଚାଷୀମାନେ ସଭାସ୍ଥଳ ଛାଡ଼ି ଚାଲି ଯାଇଥିଲେ। ଯାହାଫଳରେ ମଞ୍ଚାସୀନ ଅତିଥି ଓ ତଳେ ବସିଥିବା ସାଂସ୍କୃତିକ ଦଳ, ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ଓ କିଛି ଅଫିସରଙ୍କୁ ବାଦ ଦେଇ ସଭାସ୍ଥଳ ଖାଲି ହୋଇଯାଇଥିଲା।

# ସ୍ୱାମୀକୁ ଏମିତି ମାରିଥିଲା ସ୍ତ୍ରୀ

ପାରଳାଖେମୁଣ୍ଡି,୮ ।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଜଙ୍ଗମସାହିରେ ପାରିବାରିକ ହିଂସାରୁ ସ୍ୱାମୀକୁ ସ୍ତ୍ରୀର ବିଭତ୍ସ ହତ୍ୟା ଘଟଣାରେ ସ୍ତ୍ରୀକୁ ନେଇ ରବିବାର ପାରଳାଖେମୁଣ୍ଡି ପୁଲିସ ସିନ୍ ରିକ୍ରିଏସନ କରାଇଛି। ପତିହନ୍ତା ବି.ସାରଦାଙ୍କୁ ଘଟଣାସ୍ଥଳକୁ ଆଣି କିଭଳି ଓ କେଉଁ କାରଣରୁ ସ୍ୱାମୀକୁ ମାରିଥିଲେ ସେ ନେଇ ପୁଲିସ ସମସ୍ତ ତଥ୍ୟ ସଂଗ୍ରହ କରିଛି। ହତ୍ୟା କିପରି ଭିଆଇଥିଲେ ସାରଦା ସେ ନେଇ ସବୁ ପୁଲିସ ଆଗରେ ବଖାଣିବା ସହ ଗୋଟି ଗୋଟି କରି କହିଥିଲେ। ହତ୍ୟାରେ ବ୍ୟବହୃତ ପଥର, କାଠ ଫାଳିଆ, ଟାୱେଲ, ଇଞ୍ଜେକ୍ସନ ସିରିଞ୍ଜି ଓ କିଛି ଔଷଧ ଆଦି ସମ୍ପର୍କରେ କହିଥିଲେ ସାରଦା। ପ୍ରଥମେ ନିଦ ବଟିକା ଦେବା ସହ ସ୍ୱାମୀ ବିଜୟ ଶୋଇପଡ଼ିଥିବା ପରେ ନିଦ ଇଞ୍ଜେକ୍ସନ ଦେଇଥିଲେ । ପରେ ପଥରରେ ସ୍ୱାମୀର ମୁଣ୍ଡକୁ ଆଘାତ କରିବା ସହ କାଠ ଫାଳିଆରେ ମଧ୍ୟ ମାରିଥିଲେ। ଏହାପରେ ଟାୱେଲରେ ଭିଡି ତଣ୍ଟି ଚିପିଥିବା ପୁଲିସ ଆଗରେ କହିଛନ୍ତି ସାରଦା। ପୁଲିସ ଏବେ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିବା ସହ ଘର ଲୋକ ଏବଂ ପଡ଼ୋଶୀଙ୍କ ବୟାନ ମଧ୍ୟ ରେକର୍ଡ କରିଛନ୍ତି। ପତିହନ୍ତା ସାରଦାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବାର ପୁଲିସ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଘରୋଇ କଳି, ମୃତ ବିଜୟ ମଦ୍ୟପାନ କରି ସ୍ତ୍ରୀଙ୍କ ସହିତ ଝଗଡ଼ା, ଆର୍ଥିକ ଅନଟନରେ ଅତିଷ୍ଠ ହୋଇ ସ୍ୱାମୀକୁ ସାରଦା ହତ୍ୟା କରିଥିବା ଆଲୋଚନା ହେଉଛି।

# ବନ୍ଧୁତାପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ହୁମ୍ମା/ଗଞ୍ଜାମ,୮ ।୧୨(ସମିସ): ପାଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ମୟୁରପଦା ଯୁବକ ବନ୍ଧୁଙ୍କ ଦ୍ୱାରା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦଳ ଗୋଟିଏ ଲେଖାଏଁ ବିଜୟ ହାସଲ କରିଥିଲେ। ତେଣୁ ନେଟ ରନରେଟ ଭିତ୍ତିରେ ପାୱାର ହିଟର ଏବଂ ଇଗଲ ଏକାଦଶ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାୱାର ହିଟର୍ ନିର୍ଦ୍ଧାରିତ ୮ ଓଭର୍‌ରେ ୯୭ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲେ। ଏହାକୁ ଇଗଲ ଏକାଦଶ ଦଳ ପିଛା କରି ୮ ଓଭର୍ କେବଳ ୭୦ରନ୍ କରି ପରାସ୍ତ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ସିଏଚ୍ ମୋହନ ଏବଂ ସିରିଜ ଏ.ପ୍ରକାଶ ଚନ୍ଦ୍ର ରେଡ୍ଡୀଙ୍କୁ ବିବେଚିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗଦେଇ ପାୱାର ହିଟର୍ସଙ୍କୁ ବିଜୟୀ କପ୍ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ହୁମ୍ମା ସମିତି ସଭ୍ୟ ଧ୍ରୁବଚରଣ ପଲାଇ, ସୁନିଲ ପ୍ରଧାନ, ସମାଜସେବୀ ସଞ୍ଜୟ ସ୍ୱାଇଁ, ତ୍ରିପତି ଆଚାରି, ପ୍ରମୋଦ ପ୍ରଧାନ, ଧରଣୀ ରେଡ୍ଡୀ ଏବଂ ବାଉରୀବନ୍ଧୁ ରେଡ୍ଡୀ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। କ୍ରିଷ୍ଣା ରେଡ୍ଡୀ, ଟୁକୁନା ରେଡ୍ଡୀ ଏବଂ ପି. ମୋହନ ଖେଳ ପରିଚାଳନା କରିଥିବାବେଳେ ଏ. ଦିବାକର ଧାରାବିବରଣୀ ପ୍ରଦାନ କରିଥିଲେ। ଲିଲୁ, ଶିବା, ଗୋବିନ୍ଦ, କାଳିଆ, ଚିଣ୍ଟୁ, ଗଣେଶ ପ୍ରମୁଖ ସହଯୋଗ କରିଥିଲେ।

■ ଅବକାରୀ ଓ ବନ ବିଭାଗର ଚଢ଼ଉ

# ୧୩୦ ଏକର ଜମିର ଗଞ୍ଜେଇ ଗଛ ନଷ୍ଟ



ବାଲିଗୁଡା,୮।୧୨(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅଞ୍ଚଳରେ ଅପରେସନ ନୀଳ ଜହରକୁ ଜୋରଦାର କରି ପୁଣି ୧୩୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି। କିଛି ଦିନ ମଧ୍ୟରେ କଟଗଲାଣି ୫୦୦ ଏକରରୁ ଊର୍ଦ୍ଧ୍ୱ ଜମିରୁ ଗଞ୍ଜେଇ ଗଛ। ବାଲିଗୁଡ଼ା ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଲିଗୁଡା ବନବିଭାଗ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ମିଳିତ ସହାୟତାରେ୧୩୦ ଏକର ଗଞ୍ଜେଇ ଗଛ କଟାଯାଇଛି। କିଛିଦିନ ତଳେ ବାଲିଗୁଡା ଥାନା ଅନ୍ତର୍ଗତ ସିନ୍ଦ୍ରିଗାଁ, ବୁଡ଼ୁରୁକିଆ ଓ କୁଟିକିଆ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ପାଖାପାଖି ୮୦ ଏକର, ବୁଡ଼ୁରୁକିଆ, ମାଦିନାଟ, ମସାଣିଗୁଡ଼ା ଓ ବାଲିସୁଗା ଅଞ୍ଚଳରୁ ୧୦୨, ସିନ୍ଦ୍ରିଗାଁ ଅଞ୍ଚଳରୁ ୧୩୦ ଏକର ବେଆଇନ ଗଞ୍ଜେଇ ଚାଷ ଗଛ ନଷ୍ଟ କରାଯାଇଥିବା ବେଳେ ରବିବାର ଦିନ ବୁଡ଼ୁରୁକିଆ ପଞ୍ଚାୟତର ସିପାଞ୍ଜିରୀ, ବେହେରା ସାହି, ଡ଼ପାସାହି ଓ ବୁଡ଼ୁରୁକିଆ ଅଞ୍ଚଳରୁ ୧୩୦ ଏକର ବେଆଇନ ଗଞ୍ଜେଇ ଗଛ କଟାଯାଇଥିବା ସୂଚନା ମିଳିଛି। ବାଲିଗୁଡା ବନ, ଅବକାରୀ ବିଭାଗ ଏବଂ ପୁଲିସ ଉପସ୍ଥିତିରେ ୧୩୦ ଏକର ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସଚେତନତା

ଦିଗପହଣ୍ଡି,୮ ।୧୨(ସମିସ): ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ରୋଗ ମୁକ୍ତ ଭାରତ ସଚେତନତା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଶୁଚିସ୍ମିତା ଚୌଧୁରୀ, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷା ପ୍ରଫୁଲ୍ଲ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, କାଉନସିଲର ସୁଶାନ୍ତ କୁମାର ପାତ୍ର ଏବଂ ସ୍ୱାସ୍ଥ୍ୟ ବିଭାଗ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶୁଭେନ୍ଦୁ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାରୋଗର କାରଣ ଏବଂ ନିରାକରଣ ଉପରେ ଅତିଥି ବୃନ୍ଦ ସଚେତନ କରାଇଥିଲେ। ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରି ଉପଯୁକ୍ତ ପରାମର୍ଶ, ନିୟମିତ ଔଷଧ ସେବନ, ପୁଷ୍ଟିକର ଆହାର ଏବଂ ସାମାଜିକ ସହାନୁଭୂତି ପ୍ରଦର୍ଶନ ଦ୍ୱାରା ଏହାର ମୂଳୋତ୍ପାଟନ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା।

# ହ୍ରାସ ପାଉଛି ନଗଦ କାରବାର, ବଢୁଛି ୟୁପିଆଇ ଓ କାର୍ଡ ବ୍ୟବହାର

ବ୍ରହ୍ମପୁର,୮ ।୧୨(ସମିସ): ୟୁପିଆଇର ବ୍ୟବହାର ବୃଦ୍ଧି ପାଇବା ପରେ ଦିନକୁ ଦିନ ଲୋକେ ଏଟିଏମ ବ୍ୟବହାର କରିବା କମାଇସାରିଲେଣି। ପ୍ରକୃତରେ କହିବାକୁ ଗଲେ ଏଟିଏମକୁ ଖାଇଗଲାଣି ୟୁନିଫାଏଡ୍ ପେମେଣ୍ଟ ଇଣ୍ଟର୍‌ଫେସ୍ ବା (ୟୁପିଆଇ)। ସାମାନ୍ୟ ଜିନିଷଟିଏ କିଣିବାକୁ ଗଲେ ଲୋକେ ଫୋନ୍ ପେ’, ଗୁଗୁଲ୍ ପେ’, ପେଟିଏମ୍ ଏବଂ ଆମାଜନ୍ ପେ’ ଆଦି ଅନଲାଇନ ପେମେଣ୍ଟ ମୋଡ୍‌କୁ ଆପଣାଉଥିବା ଦେଖିବାକୁ ମିଳୁଛି। ଚା’ ପିଇ ୧୦ଟଙ୍କାର ପେମେଣ୍ଟ ମଧ୍ୟ ୟୁପିଆଇ ଜରିଆରେ କରୁଛନ୍ତି ଲୋକେ। ଫୋନ୍ ଜରିଆରେ ସୁବିଧାରେ ହୋଇଯାଉଛି ପେମେଣ୍ଟ। ଆଉ ଏଟିଏମ କେନ୍ଦ୍ରକୁ ଯାଇ ଟଙ୍କା ଉଠାଇବାର ଆବଶ୍ୟକତା ମଧ୍ୟ ପଡୁନାହିଁ। ୟୁପିଆଇର ପ୍ରସାର ଫଳରେ ବର୍ତ୍ତମାନ ଏଟିଏମ୍ ସଂଖ୍ୟା ହ୍ରାସ ପାଉଛି। ତେବେ ୫ବର୍ଷରେ ପ୍ରଥମ ଥର ଦେଶରେ ଏଟିଏମ୍ ସଂଖ୍ୟା କମିଥିବା କୁହାଯାଉଛି । ଆଶ୍ଚର୍ଯ୍ୟର ବିଷୟ ହେଉଛି ମହାନଗର ଏବଂ ସହର ସହିତ ଗ୍ରାମାଞ୍ଚଳରେ ମଧ୍ୟ ଏଟିଏମ୍ ସଂଖ୍ୟାରେ ହ୍ରାସ ଘଟିଛି। ବ୍ୟାଙ୍କଗୁଡ଼ିକର ମିଶ୍ରଣ, ବ୍ୟବସାୟିକ ଦୃଷ୍ଟିକୋଣରୁ ଉପଯୋଗିତା ହ୍ରାସ, ଏଟିଏମ୍ ସ୍ଥାନାନ୍ତର ଆଦି ଏଥି ମଧ୍ୟରେ ସାମିଲ ରହିଛି। ବ୍ୟାଙ୍କମାନଙ୍କ କହିବା ଅନୁସାରେ, ପେମେଣ୍ଟ ଟୁଲ୍ ଭାବେ ୟୁପିଆଇ ଏବଂ କାର୍ଡର ବହୁଳ ବ୍ୟବହାର ଯୋଗୁଁ ନଗଦ କାରବାର କମୁଛି। ଫଳରେ ଏଟିଏମ୍ ଅବ୍ୟବହାରିକ ହୋଇଗଲାଣି। ଉପଭୋକ୍ତା ପନିପରିବା ଠାରୁ ଆରମ୍ଭ କରି କ୍ୟାବ୍ ସେବା ଏବଂ ଏପରିକି ମହଙ୍ଗା ଜିନିଷ କିଣିବା ପାଇଁ ମଧ୍ୟ ୟୁପିଆଇ ବ୍ୟବହାର କରୁଛନ୍ତି। ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତକରଣ ଏବଂ ଡିଜିଟାଲ ପେମେଣ୍ଟରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଛି। ଜନଧନ ଯୋଜନା, ୟୁପିଆଇର ପ୍ରସାର ଏବଂ ମୋବାଇଲ ଇଣ୍ଟର୍‌ନେଟ୍‌କୁ ବ୍ୟାପକ ଭାବେ ଗ୍ରହଣ କରାଯିବା ଦ୍ୱାରା ଏହା ହୋଇଛି। ଗତ ୫ବର୍ଷରେ ୟୁପିଆଇ କାରବାରରେ ୨୫ଗୁଣା ବୃଦ୍ଧି ଘଟିଛି ବୋଲି ଜଣାପଡିଛି। ଅନ୍ୟପକ୍ଷରେ ୟୁପିଆଇକୁ ଲୋକେ ମାତ୍ରାଧିକ ବ୍ୟବହାର କରିବା ଫଳରେ ଏଟିଏମ ପିନ ଲୋକେ ଭୁଲି ଯାଉଥିବା କିଛି ଏମଟିଏମ୍ ସେଣ୍ଟରେ ଶୁଣିବାକୁ ମିଳୁଛି। ବ୍ୟବହାର କମ୍ କରିବା ଦ୍ୱାରା ଏଟିଏମ ପିନ ମନେ ରହୁନଥିବା କିଛି ଗ୍ରାହକ କହିଛନ୍ତି। ଅଶିକ୍ଷିତ ଲୋକେ ମଧ୍ୟ ୟୁପିଆଇ ବ୍ୟବହାର କରି ଟଙ୍କା ନେଣଦେଣ କରୁଥିବା ଦେଖିବାକୁ ମିଳିଛି।

# ବାକିରେ ଜଳଖିଆ ଦେଲେନି ବୋଲି ଦୋକାନୀଙ୍କୁ ଜାଲିଚଟ୍ଟୁ ମାଡ଼



ଖଲ୍ଲିକୋଟ,୮।୧୨(ସମିସ): ଖଲ୍ଲିକୋଟ ଥାନା କୈରାଶି ଗ୍ରାମରେ ଜଣେ ଜଳଖିଆ ବ୍ୟବସାୟୀ ବାକିରେ ଜଳଖିଆ ଦେବାକୁ ମନା କରିବା ପରେ ଗ୍ରାହକ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ବ୍ୟବସାୟୀ ଜଣଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, କୈରାଶି ଗ୍ରାମର ଫକୀର ପାତ୍ର ନିଜ ଗ୍ରାମରେ ଏକ ଜଳିଖିଆ ଦୋକାନ କରିଛନ୍ତି। ସେହି ଗ୍ରାମର ଗଙ୍ଗା ପ୍ରଧାନ ନାମକ ଜଣେ



ବ୍ୟକ୍ତି ବାକିରେ ଜଳଖିଆ ମାଗିଥିଲେ। କିନ୍ତୁ ସନ୍ଧ୍ୟା ଧୂପ ଲାଗି ଥିବାରୁ ଫକୀର ପାତ୍ର ତାଙ୍କୁ ବାକିରେ ଜଳଖିଆ ଦେବାକୁ ମନାକରିଥିଲେ। ଏହା ଶୁଣି ଗଙ୍ଗା ପ୍ରଧାନ ରାଗିଯାଇ ଅଶ୍ଲୀଳ ଭାଷାରେ ଗାଳି କରିବା ସହ ହୋଟେଲରେ ଥିବା ଏକ ଜାଲି ଚଟୁରେ ଫକୀରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଫଳରେ ଫକୀରଙ୍କ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଯୁଦ୍ଧୁବୁଦ୍ଧୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଯାଇଥିଲେ। ସେଠାରେ ଚିକିତ୍ସିତ ହୋଇ ଫକୀର ପାତ୍ର ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନା କେସ ନମ୍ବର ୯୮୨/୨୦୨୪ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସ କୈରାଶି ଗ୍ରାମରେ ଚଢ଼ାଉ କରି ଗଙ୍ଗା ପ୍ରଧାନଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛନ୍ତି।

# କଳିଙ୍ଗ ବୈଶ୍ୟ ମହାସଂଘ ସଭାପତିଙ୍କ ଦେହାନ୍ତ



ରମ୍ଭା,୮ ।୧୨(ସମିସ): କଳିଙ୍ଗ ବୈଶ୍ୟ ମହାସଂଘ ସଭାପତି ତାଳସୁ କେଦାରନାଥ ସୁବୁଦ୍ଧି(୬୧) ବିୟୋଗ ଘଟିଛି। ଶ୍ରୀ ସୁବୁଦ୍ଧି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ସୁବୁଦ୍ଧି ଜଣେ ବିଚକ୍ଷଣ ବ୍ୟକ୍ତି, ସାଂଗଠନିକ ସମସ୍ୟା, ଲୋକାଭି ମୁଖି କାର୍ଯ୍ୟ କରୁଥିଲେ। ଏକ ମାତ୍ର ପୁତ୍ର ଗୋପାଳ ସୁବୁଦ୍ଧି ପୁରୀ ସ୍ୱର୍ଗ ଦ୍ୱାରରେ ମୁଖା ଅଗ୍ନି ଦେଇଥିଲେ। ରାଜ୍ୟ କଳିଙ୍ଗ ବୈଷ୍ୟ ମହା ସଙ୍ଘର ବହୁ ମନ୍ୟ ଧର୍ମ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ତତସହିତ ଖଲିକୋଟ ଅଞ୍ଚଳର ପ.ରାଜେନ୍ଦ୍ର ପୃଷ୍ଟି (ସଭାପତି), ପ୍ରସାଦ ରାଓ ପୃଷ୍ଟି(ସମ୍ପାଦକ), ତାଲାସୁ (ନଗିନ କୁମାର ସେନାପତି(ପୂର୍ବତନ ସମ୍ପାଦକ), ମହିଳା ସଙ୍ଘ ସଭାପତି ସବିତା ସେନାପତି, ଉପସଭାପତି ରତ୍ନମାଳା ପାତ୍ର, ସମ୍ପାଦିକା ବେଦମତି ସେନାପତି, ବୈଶ୍ୟ ସଙ୍ଘର ମ.ନରସିଂହ ସୁବୁଦ୍ଧି, ମହେନ୍ଦ୍ର ସେନାପତି (ସମ୍ପାଦକ), ସୁଶାନ୍ତ କୁମାର ପାତ୍ର (କ୍ୟାସିୟର), ଖଲ୍ଲିକୋଟ ଅଞ୍ଚଳ ଯୁବ ସଙ୍ଘ ର ଶଙ୍କର ନାରାୟଣ ସୁବୁଦ୍ଧି (ସଭାପତି), ସୁଶାନ୍ତ କୁମାର ସେନାପତି (ସମ୍ପାଦକ) ସହିତ ଆଞ୍ଚଳିକ ସଙ୍ଘ, ଅଞ୍ଚଳ ସଙ୍ଘ, ମହା ସଙ୍ଘ, ବୁଦ୍ଧିଜୀବୀ ମାନେ ଶେଷ ଦର୍ଶନ କରିଥିଲେ ।

# ତାପସ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଧରାକୋଟ,୮ ।୧୨(ସମିସ): ଧରାକୋଟ ନିକଟସ୍ଥ ମୁଣ୍ଡମରାଇସ୍ଥିତ ଅନନ୍ତ ନାରାୟଣ ବିଦ୍ୟାପୀଠ ଖେଳ ପଡ଼ିଆରେ ସନ୍ତୋଷୀ, ଜଗନ୍ନାଥ, ତାପସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବିଶିଷ୍ଟ ସମାଜସେବୀ ସୁରେନ୍ଦ୍ର ନାଥ ଗୌଡ଼ଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ମାନିନୀ ପାତ୍ର, ଏବିଇଓ ସୀମାଞ୍ଚଳ ବେହେରା, ବରିଷ୍ଠ ସାମ୍ବାଦିକ ମନୋଜ ମୁନି, ହୃଦାନନ୍ଦ ଜେନା, ସମାଜ ସେବୀ ଅଶୋକ ସାହୁ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ମୁଣ୍ଡମରାଇ ଗ୍ୟାଲେକ୍ସି ଇଲେଭେନ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେବେ। ଉଦ୍‌ଘାଟନୀ ମ୍ୟାଚରେ ଇଗଲ କ୍ରିକେଟ କ୍ଲବ ହିଞ୍ଜିଳି ଓ ପାୱାର ଟିମ ଆସିକା ମୁହାଁମୁହିଁ ହୋଇଥିଲେ। ଟସ ଜିଣି ଆସିକା ଦଳ ବୋଲିଂ ନିଷ୍ପତ୍ତି ନେଇଥିଲେ। ଅମ୍ପାୟାର ଭାବରେ ହରିଶଙ୍କର ପତି ଓ ଚକ୍ରଧର ପ୍ରଧାନ ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଶାନ୍ତ କୁମାର ଡାକୁଆ ଧାରା ବିବରଣୀ ପ୍ରଦାନ କରିଥିଲେ। ରିଙ୍କୁ ସେଠୀ, ଅନିଲ ସୁଆର, ହୃଷୀକେଶ ମହାରଣା, ଆଲୋକ ରାଉତ, ଟୁନା ସେଠୀ ଓ ଦେବାଶିଷ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆଚାର୍ଯ୍ୟ ବନବିହାର କାର୍ଯ୍ୟକ୍ରମ



ଛତ୍ରପୁର,୮ ।୧୨(ସମିସ): ଛତ୍ରପୁର ସଂକୁଳର (ଗୋପାଳପୁର, ନରେନ୍ଦ୍ରପୁର, ଭଞ୍ଜବିହାର, ଗଞ୍ଜାମ, ଛତ୍ରପୁର ଓ ରମ୍ଭା) ସମସ୍ତ ଆଚାର୍ଯ୍ୟ/ଆଚାର୍ଯ୍ୟାଙ୍କ ବନବିହାର କାର୍ଯ୍ୟକ୍ରମ ମା’ ଭୈରବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଛତ୍ରପୁର ସଂକୁଳ ପ୍ରମୁଖ ଡ. ଜେ କୁର୍ମା ରାଓ ଶୁଭାରମ୍ଭ କରିଥିଲେ। ସଂକୁଳ ସଂଯୋଜକ ତଥା ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ବିଦ୍ୟାଭାରତୀଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂକୁଳର ସମସ୍ତ ପ୍ରଧାନାଚାର୍ଯ୍ୟଙ୍କ ସହିତ ସମସ୍ତ ବିଦ୍ୟାଳୟର ୧୬୫ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗଦେଇ ଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ବ୍ୟବସ୍ଥା ଦାୟିତ୍ୱରେ ଭଞ୍ଜବିହାର ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଦଣ୍ଡପାଣି ସାହୁ ଥିଲେ।

# ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଛତ୍ରପୁର,୮ ।୧୨(ସମିସ): ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩ଶହ ଟଙ୍କା ଉପରେ ୮ଶହ ଟଙ୍କାର ଇନପୁଟ ସହାୟତା ରାଶି ସହିତ ମୋଟ ୩୧ଶହ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଛତ୍ରପୁର ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମତ ରଖିଛନ୍ତି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ଖେଳପଡ଼ିଆରେ ଏକ ଚାଷୀ ସମାବେଶର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରାରମ୍ଭିକ ଭାଷଣରେ, ଗଞ୍ଜାମ ଜିଲ୍ଲାରେ ଚଳିତ ମାସ ୨୩ ତାରିଖ ଠାରୁ ଧାନସଂଗ୍ରହ ପ୍ରକ୍ରିୟା



ଆରମ୍ଭ ହେବ ଏବଂ ସରକାରଙ୍କୁ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଥିବା ୧ଲକ୍ଷ ୪୬ହଜାର ୫୦୪ଜଣ ଚାଷୀଙ୍କ ଧାନ କିପରି ସୁରୁଖୁରୁରେ ମଣ୍ଡିରୁ କିଣାଯିବ ସେଥିନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୩୬୬ଟି ପ୍ୟାକସ୍, ୧୦୯ଟି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ଗୋଟିଏ ପାଣି ପଂଚାୟତ ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ କିଣାଯିବ। ପ୍ରତି ମଣ୍ଡିରେ ଜଣେ ଲେଖାଁଏ ନୋଡାଲ ଅଫିସର, ୪ରୁ ୫ ମଣ୍ଡିରେ ସୁପରଭାଇଜର ଏବଂ ବ୍ଲକ, ଉପଖଣ୍ଡ ଓ ଜିଲ୍ଲାସ୍ତରୀୟ ଏକ ଏନଫୋର୍ସମେଣ୍ଟ ଟିମ୍ ଏହାର ତଦାରଖ କରିବେ। ପ୍ରତି ମଣ୍ଡିରେ ସିସିଟିଭି ସହିତ ଚାଷୀଙ୍କ ପାଇଁ ପାନୀୟ ଜଳ ଓ ଶୌଚାଳୟର ସୁବିଧା କରାଯାଇଛି। ଏହାସହିତ ବିଭିନ୍ନ ସୀମାନ୍ତ ଅଂଚଳ ଗୁଡିକ ଉପରେ ତୀକ୍ଷଣ ନଜର ରଖିବା ଲାଗି ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଉପସ୍ଥିତ ରହିଥିଲେ। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ମନ୍ତ୍ରୀଡି ପଂଚାୟତର ପୂର୍ବତନ ସରପଂଚ ଦେବରାଜ ମହାନ୍ତି, ଛତ୍ରପୁର ବ୍ଲକ ବିପୁଳିଙ୍ଗି ପଂଚାୟତର ପୂର୍ବତନ ସରପଂଚ ସୁବାଷ ଚୌଧୂରୀ ଓ ବଉଳଗାଁ ପଂଚାୟତର ପୂର୍ବତନ ସରପଂଚ ତଥା ସମବାୟବିତ୍ ଦୁର୍ଯ୍ୟୋଧନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଛତ୍ରପୁର କଳା ବିକାଶ କେନ୍ଦ୍ରର ଶିକ୍ଷାର୍ଥୀଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା।

## ଚାଷୀଙ୍କ ଚିନ୍ତା ବଢ଼ାଉଛି ଝିପିଝିପି ବର୍ଷା



ଜି.ଉଦୟଗିରି, ୮।୧୨(ସମିସ): ବର୍ଷା ଅଭାବରୁ ୨୦ ପ୍ରତିଶତ ଜମି ଚାଷ ସମ୍ଭବ ହୋଇ ପାରିଥିଲା। ଯାହା ଚାଷୀର ଚିନ୍ତା ବଢ଼ାଇ ଦେଇଥିବା ବେଳେ କେମିତି ପରିବାର ପ୍ରତିପୋଷଣ କରିବା ତାହାକୁ ନେଇ ଭାଙ୍ଗି ପଡ଼ିଥିଲା। ବହୁ କଷ୍ଟରେ ଫସଲ ହୋଇଥିବା ୨୦ ପ୍ରତିଶତ ଧାନ ଅମଳ କରିବା ବେଳେ ଲଘୁଚାପ ଜନିତ ବର୍ଷା ବାଟ ଓଗାଳିଛି। ପାଚିଲା ଧାନ ବିଲରେ ପଡ଼ିରହିଥିବା ବେଳେ କଟା ଧାନ ମଧ୍ୟ ଗତ ଲଘୁଚାପ ଜନିତ ବର୍ଷାରେ ଭିଜିଥିଲା। ଏବେ ବିଲରେ ରହିଥିବା ଧାନକୁ କାଟିବା ଏବଂ କଟା ହୋଇଥିବା ଭିଜା ଧାନକୁ ଶୁଖାଉଥିବା ସମୟରେ ପୁଣି ଥରେ ଘୂର୍ଣ୍ଣିବଳୟ ଯୋଗୁଁ ପ୍ରତିଦିନ ସନ୍ଧ୍ୟାରେ ଝିପିଝିପି ବର୍ଷା ହେଉଥିବାରୁ ଚାଷୀଙ୍କ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ଠିକ୍‌ରେ ଖରା ହେଉ ନ ଥିବାରୁ ଚାଷୀ ଧାନ ଶୁଖି ପାରୁନି। ଏହି କାରଣରୁ କ୍ଷୟକ୍ଷତି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସ୍ୱଳ୍ପ ବର୍ଷା ଯୋଗୁଁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏବେ ଅଦିନିଆ ବର୍ଷା ଯୋଗୁଁ ଅମଳ ହେବାକୁ ଥିବା ଫସଲ ନଷ୍ଟ ହେବାକୁ ଯାଉଛି।

### ମଧ୍ୟାହ୍ନଭୋଜନ ଖାଇ ୩୬ ଛାତ୍ରଛାତ୍ରୀ ଅସୁସ୍ଥ ଘଟଣା

## ଜନସ୍ୱାସ୍ଥ୍ୟ ବିଭାଗର ତଦନ୍ତ ଆରମ୍ଭ

ଦାରିଙ୍ଗବାଡି, ୮।୧୨(ସମିସ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୩୬ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ନେଇଛି। ରବିବାର ସକାଳେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରୁ ଏକ ତଦନ୍ତକାରୀ ଦଳ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ବୟାନ ରେକର୍ଡ କରିବା ସହ ଚିକିତ୍ସା କରୁଥିବା ଡାକ୍ତର ଏବଂ ସିମନବାଡ଼ିରେ ପହଞ୍ଚି ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଦେଶୀ ନାୟକ



ଏବଂ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଓ ମଧ୍ୟାହ୍ନ ଭୋଜନ ରୋଷେଇ ଦାୟିତ୍ୱରେ ରହିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ଛାତ୍ରୀଛାତ୍ର ମାନଙ୍କୁ ବିଦ୍ୟାଳୟରେ ପଚରାଉଚରା କରିଛନ୍ତି। ଏଥିସହ ମଧ୍ୟାହ୍ନଭୋଜନ ପାଇଁ ରଖାଯାଇଥିବା ଚାଉଳର ନମୁନା ସଂଗ୍ରହ କରିବା ସହ ରୋଷେଇଶାଳ ଓ ଚାଉଳ ରଖାଯାଇଥିବା ଗୋଦାମ ଗୃହ ଦେଖି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୋଟିଏ ନଳକୂପ ରହିଥିବା ବେଳେ ସେଥିରୁ ପିଇବା ପାଇଁ ବ୍ୟବହାର ସହ ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ ଓ ଅନ୍ୟ କାର୍ଯ୍ୟପାଇଁ ବ୍ୟବହାର କରାଯାଉଛି। ଦୂଷିତ ପରିବେଶ ମଧ୍ୟରେ ଉକ୍ତ ନଳକୂପ ରହିଥିବାରୁ ତଦନ୍ତ ଦଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିତ୍ୟକ୍ତ ରୋଷେଇ ଗୃହରେ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇକୁ ନେଇ ତଦନ୍ତ ଟିମ ଚିନ୍ତା ପ୍ରକାଟ କରିଛନ୍ତି। ସେହିପରି ଆଗକୁ ମଧ୍ୟାହ୍ନଭୋଜନ ରୋଷେଇରେ ଆହୁରି ସ୍ୱଚ୍ଛତା ଆଣିବାକୁ ମହିଳା ରୋଷେୟା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏପିଡେମୋଲୋଜିଷ୍ଟ ସ୍ୱନ୍ଦନ ଭଞ୍ଜଦେଓ, ଜିଲ୍ଲା ଖାଦ୍ୟ ନିରାପତ୍ତା ଓ ମାନ ପ୍ରାଧିକରଣ ଅଧିକାରୀ ସତ୍ୟବ୍ରତ ଷେଣ୍ଢ ପହଞ୍ଚି ତଦନ୍ତ କରିଛନ୍ତି। ରବିବାର ଦିନ ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ୧୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ ଜଣ ଘରକୁ ଫେରିଥିବା ବେଳେ ନିକିତା ପ୍ରଧାନ, ଆଦେଶା ନାୟକ, ରିହାନ ପରିଚ୍ଛା, ଲୁଇସା ପରିଚ୍ଛା ବର୍ତ୍ତମାନ ପର୍ଯ୍ୟନ୍ତ ଚିକିତ୍ସାଧୀନ ରହିଛନ୍ତି। ତେବେ ଲୁଇସାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତରିତ ହୋଇଛନ୍ତି। ଘଟଣାର ସଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି।

### ● ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

## କର୍ମୀଙ୍କୁ ସିଡିପିଓଙ୍କ କାରଣଦର୍ଶାଅ ନୋଟିସ୍

ଦାରିଙ୍ଗବାଡ଼ି, ୮।୧୨(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ଗନାଡିକାମ୍ବା ଅଙ୍ଗନବାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଅଙ୍ଗନବାଡ଼ି କେନ୍ଦ୍ର ୩ ମାସ ହେବ ବନ୍ଦ ରହିଛି। ଯାହାରି ଫଳରେ ପିଲାଙ୍କ ପୁଷ୍ଟିକର ଖାଦ୍ୟ ସହ ଶିକ୍ଷା ବନ୍ଦ ରହିଛି। ଏନେଇ ଗ୍ରାମବାସୀ ଦାରିଙ୍ଗବାଡ଼ି ସିଡିପିଓ, ବିଡିଓ ଓ ଉପ ଜିଲ୍ଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବା ଯୋଗୁଁ ଗତ ୨୯ ତାରିଖ ଦିନଠାରୁ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଛନ୍ତି ଗ୍ରାମବାସୀ। ପିଲାଙ୍କ ପାଇଁ ଆସିଥିବା ଖାଦ୍ୟ ପିଲାଙ୍କୁ ଦିଆ ନଯିବା ଯୋଗୁଁ ପୋକ ସାଲୁବାଲୁ ହେବା ସହ ସୁଏଟର ଓ ଜୋତା ଦିଆ ଯାଇନଥିବା ବେଳେ ତାହା ଅଙ୍ଗନବାଡ଼ି କେନ୍ଦ୍ରରେ ପଡ଼ି ରହିଛି। ଏନେଇ ଅଙ୍ଗନବାଡ଼ି କର୍ମୀ ସୁଲୋଚନା ପ୍ରଧାନଙ୍କୁ ପଚାରିବାରୁ ସ୍ୱାମୀଙ୍କ ସହ କଳହ ପାଇଁ ସେ ବାପ ଘରକୁ ଦେଢ଼ ମାସ ହେବ ଯାଇଥିଲେ।



ଏହି କାରଣରୁ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିଛି। କିଛି ଖାଦ୍ୟ ବଣ୍ଟା ଯାଇଥିବା ବେଳେ ଆଉ କିଛି ରହିଯାଇଛି। ସେଭଳି ଭାବେ ପୋଷାକ ବି କିଛି ପିଲାଙ୍କୁ ଦିଆଯାଇଥିବା ବେଳେ ଆଉ କିଛି ରହି ଯାଇଛି ବୋଲି କହିଥିଲେ। ଏ ନେଇ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ଥିବା ସହିତ ଦୁଇ ଥର ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଛନ୍ତି। କୌଣସି ଉତ୍ତର ସେ ତାଙ୍କୁ ଦେଇନାହାଁନ୍ତି। ଆଉ ଗୋଟିଏ ନୋଟିସ୍ ପରେ ତାଙ୍କ ବିରୋଧରେ ଉପ ଜିଲ୍ଲାପାଳଙ୍କୁ ଲେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଗଞ୍ଜାମର ସେମ୍ ସିକ୍ସ ଦଳ ଚାମ୍ପିଅନ

ଚକାପାଦ, ୮।୧୨(ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଖୁଡୁତେନ୍ତୁଳିରେ ଗୌରୀ ଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ୬ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ମୁଖ୍ୟ ଉପଦେଷ୍ଟା ସୁଧୀର ରଞ୍ଜନ ଦିଗାଲଙ୍କ ପରିଚାଳନାରେ ଗତ ଦୁଇ ତାରିଖରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୭ ତାରିଖରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଗଜପତି ଜିଲ୍ଲାର ମୋହନା, ଗଞ୍ଜାମ ଜିଲ୍ଲାର ସେମସିକ୍ସ, ରାୟଗଡ଼ା ଜିଲ୍ଲାର ଥର ସିକ୍ସ, କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି, କୋଟଗଡ଼, ବାରଖମା, ପାନ୍ଥର ସିକ୍ସ ଫୁଲବାଣୀ, କଳିଙ୍ଗିଆ ସମେତ ୧୨ ଦଳ ଭାଗ ନେଇଥିଲେ। ଗଞ୍ଜାମର ସେମ ସିକ୍ସ ଦଳ ବିଜେତା ଓ ଫୁଲବାଣୀର ପାନ୍ଥର ସିକ୍ସ ଉପବିଜେତା ହୋଇଥିଲା। ଖେଳ ପରିଚାଳନା କରିଥିଲେ ପ୍ରଦୀପ୍ତ କୁମାର ଦିଗାଲ। ଖେଳରେ ଧାରାବିବରଣୀ ପ୍ରଦାନ କରିଥିଲେ ତ୍ରିପାଠୀ ଦିଗାଲ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର କହଁର ଓ ସରପଞ୍ଚ ସୁମତୀ କହଁର ଯୋଗ ଦେଇ ବିଜେତା ଓ ଉପବିଜେତା



ଦଳ କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପ୍ରଦୀପ କୁମାର ମଳିକ ଏବଂ ଅବସର ପ୍ରାପ୍ତ ଥାନା ଅଧିକାରୀ ସୁଧୀର ରଞ୍ଜନ ଦିଗାଲ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଯୁବକ ସଂଘ ସଭାପତି ଏବଂ ସଦସ୍ୟ ଖେଳ ପରିଚାଳନା କରିଥିଲେ।

## ମହେନ୍ଦ୍ରତନୟା ମହୋତ୍ସବ ଶୁଭାରମ୍ଭ

ଗୋଷାଣି, ୮ ।୧୨(ସମିସ): ଗଜପତି ଉତ୍ସବପର୍ବ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାସ୍ଥ ମିଶନଶକ୍ତି କାଫେ ସମ୍ମୁଖ ପଡ଼ିଆରେ ଦୁଇଦିନିଆ ମହେନ୍ଦ୍ରତନୟା ମହୋତ୍ସବ ରବିବାର ଶୁଭାରମ୍ଭ ହୋଇଛି। ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ ଉପାଧ୍ୟକ୍ଷା ଏସ୍.ଅନସୂୟାଦେବୀ, ଗୋଷାଣି ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା ଓ ବ୍ଲକ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ଗଜେନ୍ଦ୍ର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ଗୁଡିକୁ ଅତିଥିମାନେ



ପରିଦର୍ଶନ କରିଥିଲେ। ଏଥିଲାଗି ଆୟୋଜିତ ସଭାରେ ଅତିଥିମାନେ ଗୋଷାଣି ବ୍ଲକର ଲୋକ କଳା ସଂସ୍କୃତି, ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀଙ୍କ ପୃଷ୍ଠଭୂମୀ ବୋଲି କହିଥିଲେ। ଶେଷରେ ବ୍ଲକର ବିଭିନ୍ନ ସାଂସ୍କୃତିକ ଦଳ ସମେତ ବାହାର ଜିଲ୍ଲାର ସାଂସ୍କୃତିକ ତଥା ପାରମ୍ପାରିକ ନୃତ୍ୟ ସହ ସୁମଧୁର ସଙ୍ଗୀତ ତାଳେ ତାଳେ ଶୀତ ସନ୍ଧ୍ୟାରେ ହଜାର ହଜାର ଶ୍ରୋତା ତଥା ଦର୍ଶକ ଝୁମି ଉଠିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ତଥା ଜନପ୍ରତିନିଧି ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ସିଆର୍‌ସିସି ରଶ୍ମିତା ସାମଲ, ରମାକାନ୍ତ ପଟ୍ଟନାୟକ ଏବଂ ରାଜେନ୍ଦ୍ର ପାଣି। ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ସହ ସେଠାରେ ରଖାଯାଇଥିବା ମଶାଲକୁ ଅଣାଯାଇଥିଲା। ଏଥିଲାଗି କଳସ ଯାତ୍ରାର ଆୟୋଜନ ହୋଇଥିଲା। ଶହ ଶହ ମହିଳା କଳସ ଧରି ଗ୍ରାମ ପରିକ୍ରମା କରିଥିଲେ।

## ଆନ୍ଧ୍ରମୁହାଁ ହେଲା ବାଘ

ଗୋଷାଣି, ୮ ।୧୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲର ବିଭିନ୍ନ ଅଞ୍ଚଳରେ ବାଘ ପଶି ଆତଙ୍କିତ କରିଥିଲା। ୫ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ବ୍ଲକର ବିଭିନ୍ନ ଅଞ୍ଚଳରେ ବିଚରଣ କରି ସୋବରା ପଞ୍ଚାୟତ ଅନ୍ତର୍ଗତ ଅନ୍ଧାରୀଝୋଲା ଗ୍ରାମରେ ପଶି ଏକ ଗାଈକୁ ମାରି ଖାଇଥିଲା। ଦୁଇ ଦିନ ହେଲା ବାଘର ଉପସ୍ଥିତି ଜଣାପଡ଼ି ନଥିବା ବେଳେ ରବିବାର ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଉକ୍ତ ବାଘ ଆନ୍ଧ୍ର ମୁହାଁ ହୋଇଛି। ଗଜପତି ତଥା ଗୋଷାଣି ବ୍ଲକ ସୀମାନ୍ତକୁ ଲାଗି ଥିବା ଆନ୍ଧ୍ରର ମନ୍ଦୁଷା ଫରେଷ୍ଟ ବିଟ୍‌ର ବାନାପୁରମ୍ ଅଞ୍ଚଳରେ ବାଘ ରହିଥିବା ବନବିଭାଗ ଠାବ କରିଛି। ବର୍ତ୍ତମାନ ବାଘ ଆନ୍ଧ୍ରର ଯେଉଁ ଅଞ୍ଚଳରେ ରହିଛି ତାହା ଭୌଗୋଳିକ ଦୃଷ୍ଟି କୋଣରୁ ଓଡ଼ିଶା ସୀମାନ୍ତ ନିକଟବର୍ତ୍ତୀ ଅଞ୍ଚଳ। ତେଣୁ ବାଘ ପୁଣି କେତେବେଳେ ଯେ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ଥିବାରୁ ଗୋଷାଣି ବ୍ଲକ ସୀମାନ୍ତବାସୀ ଭୟଭୀତ ମଧ୍ୟରେ ଥିବାର ଜଣାପଡ଼ିଛି। ଏ ନେଇ ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଜଣାପଡ଼ିଛି। ବାଘଟି ମହେନ୍ଦ୍ର ବନାଞ୍ଚଳ ତଥା ଗୋଷାଣି ବ୍ଲକରେ ଥିବା ପର୍ଯ୍ୟନ୍ତ ବନବିଭାଗର ନିଦ ହଜିଯାଇଥିଲା। ଲଗାତାର ଭାବେ ବିଭାଗୀୟ କର୍ମଚାରୀ ଦିବାରାତ୍ର ଏକ କରି ବାଘର ଗତିବିଧି ଉପରେ ନଜର ରଖିବା ସହ ବିଭିନ୍ନ ଗ୍ରାମାଞ୍ଚଳକୁ ବୁଲି ସଚେତନତା କରୁଥିଲେ।

## ଏସ୍‌ଏସ୍‌ଭିଏମ୍ ସଂକୁଳସ୍ତରୀୟ ଖେଳକୁଦ



ମୋହନା, ୮।୧୨(ସମିସ): ଗଜପତି ଜିଲ୍ଲା ମୋହନା ହାଇସ୍କୁଲ ପଡ଼ିଆରେ ଶିକ୍ଷା ବିକାଶ ସମିତି ଦିଗପହଣ୍ଡି ଏସଏସଭିଏମ ସଂକୁଳ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂକୁଳ ସଂଯୋଜକ ଷଷ୍ଠୀ ପ୍ରସାଦ ବିଷୋୟୀଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂକୁଳ ପ୍ରମୁଖ ବିଜୟ କୁମାର ପ୍ରଧାନ ଯୋଗଦେଇ ଖେଳକୁଦ ପ୍ରତିଯୋଗିତା ଦ୍ୱାରା ଶିଶୁଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବା ସହ ନିଜର ପ୍ରତିଭା ଦେଖାଇ ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୋହନା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ପୂର୍ଣଚନ୍ଦ୍ର ଦଲାଇ, ସମ୍ପାଦକ ରବି କୁମାର ପାତ୍ର, ଉପଦେଷ୍ଟା ମଧୁସୂଦନ ପାଢ଼ୀ ଓ କୋଷାଧ୍ୟକ୍ଷ ବୃନ୍ଦାବନ ସାମନ୍ତରା ଯୋଗ ଦେଇଥିଲେ। ଏହି ଖେଳକୁଦ ପ୍ରତିଯୋଗିତାରେ ସଂକୁଳ ଅନ୍ତର୍ଗତ ୧୨ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୧୦ ଜଣ ଶିଶୁ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡ଼ିଆଁ, ଶଟପୁଟ, ଡିସକଶ ଥ୍ରୋ ଆଦିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଉଦଯାପନ ସମାରୋହ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପ୍ରମୁଖ ଉପେନ୍ଦ୍ର ପଣ୍ଡା ଓ ସଂକୁଳ ଉପଦେଷ୍ଟା ଈଶ୍ୱର ଚନ୍ଦ୍ର ଭୂୟାଁ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀ, ଢ଼େଙ୍ଗାଉସ୍ତା ଶିଶୁ ବିଦ୍ୟାମନ୍ଦିର ଜାନକୀ ବଲ୍ଲବ ବିଷୋୟୀ, ଉପଦେଷ୍ଟା ବାବୁଲା ସେଠୀ ସଂଚାଳନ କରିଥିଲେ। ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସଦସ୍ୟା, ମାତୃ ଭାରତୀ ସଦସ୍ୟା, ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛତୁ ଚାଷ ଦେଉଛି ରୋଜଗାର

ଫିରିଙ୍ଗିଆ, ୮।୧୨(ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପଞ୍ଚାୟତ କୁଲିଆକୁଟି ଗାଁର ବୃନ୍ଦାବତୀ କହଁର ଛତୁଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇଛନ୍ତି। ଫିରିଙ୍ଗିଆ ବ୍ଲକରେ ଧାନ ଚାଷ ଛାଡ଼ିଦେଲେ ଅନ୍ୟାନ୍ୟ ଚାଷ ପାଇଁ ସେଭଳି

### ● ଆର୍ଥିକ ସ୍ୱାବଲମ୍ବୀ ହେଉଛନ୍ତି ବୃନ୍ଦାବତୀ

କୌଣସି ଜଳସେଚନର ସୁବିଧା ନ ଥିବା ବେଳେ ବର୍ତ୍ତମାନ ଫିରିଙ୍ଗିଆ ବ୍ଲକର ରତଙ୍ଗ, ଜାର୍ଗୀପଦର, ପୋଡ଼ାପଡ଼ା ଭଳି ପ୍ରାୟ ଗାଁରେ ପରିବା ଚାଷ କରି ଭଲ ରୋଜଗାର କରୁଛନ୍ତି। ଚାଷ ପ୍ରତି ବିଭିନ୍ନ ତାଲିମ ପ୍ରଦାନ ସହ ଛତୁ, ଗେଣ୍ଡୁ ଫୁଲ, ଡ୍ରାଗନ୍ ଫ୍ରୁଟ, ଷ୍ଟ୍ରବେରୀ ଚାଷ ଭଳି ଚାଷ କରିବାକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଉଛି। ହେଲେ ଗାଁ ଗାଁରେ



ବିଭିନ୍ନ ଚାଷକୁ ଆପଣାଉଥିବାବେଳେ ଠିକ ଭାବରେ ତାଲିମ ଦିଆଯାଉ ନ ଥିବା କାରଣରୁ ବିଭିନ୍ନ ଚାଷ କରି ବହୁ କ୍ଷତି ସହିବାକୁ ପଡୁଛି। ହେଲେ ବୃନ୍ଦାବତୀଙ୍କ କ୍ଷେତ୍ରରେ ସେ ପୂର୍ବରୁ ଉଦ୍ୟାନ ବିଭାଗ ଦ୍ୱାରା ତାଲିମପ୍ରାପ୍ତ ହୋଇଥିବା ବେଳେ ମିଶନ ଶକ୍ତି ତରଫରୁ ମଧ୍ୟ ଆର୍ଥିକ ସହାୟତା ପାଇଛନ୍ତି। ୪ ବର୍ଷ ପୂର୍ବରୁ ଛତୁ ଚାଷ ପାଇଁ ମନ ବଳାଇଥିବା ବେଳେ



ପ୍ରତିବର୍ଷ କରୁଛନ୍ତି। ଆଗରୁ କମ ଛତୁ ଚାଷ କରୁଥିବାବେଳେ ଚଳିତ ବର୍ଷ ଭଲ ଛତୁ ଚାଷ ହେବା ସହ ଭଲ ରୋଜଗାର ମଧ୍ୟ ହେଉଥିବା କହିଛନ୍ତି ବୃନ୍ଦାବତୀ। ଯାହା ଚାଷ ହେଉଛି ଫିରିଙ୍ଗିଆ ବଜାରରେ ବୁଲି କେଜି ପ୍ରତି ୧୮୦ ରୁ ୨୦୦ ଟଙ୍କା ଦରରେ ବିକ୍ରି କରୁଛନ୍ତି। ପ୍ରତି ୨ ରୁ ୩ ଦିନ ମଧ୍ୟରେ ୯ ରୁ ୧୦ କେଜି ପର୍ଯ୍ୟନ୍ତ ଛତୁ ଅମଳ ହେଉଥିବା କହିଛନ୍ତି ବୃନ୍ଦାବତୀ। ବର୍ତ୍ତମାନ ଧୀଙ୍ଗରି ଛତୁ ଚାଷ କରିଛନ୍ତି। ଲୋକେ ମଧ୍ୟ ଛତୁ ଭଲ ହୋଇଥିବା ଦେଖି ଖୁସିରେ କିଣୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଜଣେ ମହିଳା ହୋଇ ନିଜ ଚେଷ୍ଟାରେ ଛତୁ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହୋଇ ନିଜ ପରିବାରକୁ ଚଳାଇବାରେ ସହାୟକ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କେବଳ ଏତିକି ନୁହେଁ ନିଜ ବାଡ଼ିରେ ଅଳ୍ପ ଅଳ୍ପ ପରିବା ଚାଷ କରୁଥିବା ବେଳେ ଧାନ ଚାଷ ମଧ୍ୟ କରୁଥିବା ବୃନ୍ଦାବତୀ କହିଛନ୍ତି। ଆଗାମୀ ଦିନରେ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବା ସହ ବିଭିନ୍ନ ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦେଲେ ଅଧିକ ଚାଷ କରି ଭଲ ୨ ପଇସା ରୋଜଗାର ହୋଇପାରିବ ବୋଲି ବୃନ୍ଦାବତୀ ଆଶା ରଖିଛନ୍ତି।

## ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପାରଳାଖେମୁଣ୍ଡି, ୮ ।୧୨(ସମିସ): ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଚାଳିତ ମହାବିଦ୍ୟାଳୟର ଖେଳ ପଡ଼ିଆରେ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଶ୍ରୀରାମ ମୂର୍ତ୍ତି ସବୁଜ ପତାକା ଦେଖାଇ ୧୦୦ମିଟର ଦୌଡ଼ ପ୍ରତଯୋଗିତାରେ ଆରମ୍ଭ କରିଥିଲେ। ପରେ ବରିଷ୍ଠ ଓ କନିଷ୍ଠ ବର୍ଗର ୧୦୦ମିଟର, ୨୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର, ୩୦୦୦ ମିଟର, ଲମ୍ବକୁଦ ଓ ଉଚ୍ଚକୁଦ, ସଟପୁଟ ଫିଙ୍ଗା, ଡିସ୍‌କସ୍ ଫିଙ୍ଗା, ଲେମ୍ବୁ ଚାମଚ ଓ ଧୀର ସାଇକଲ ଚାଳନା ଭଳି ଅନେକ କ୍ରୀଡ଼ାରେ ଛାତ୍ର ଆଗ୍ରହର ସହ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ଯୋଗ ଦେଇ ଖେଳାଳି କିପରି ଶୃଙ୍ଖଳିତ ହେବେ ଓ ଶିକ୍ଷାର୍ଥୀଙ୍କ ଜୀବନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ। ଅଷ୍ଟମ ଶ୍ରେଣୀର ଜିତେଶ୍ୱର୍ ରାଉତ ଓ ଦଶମ ଶ୍ରେଣୀର ମାମିଡି ଭେଙ୍କଟ କନିଷ୍ଠ ବର୍ଗରେ ଓ ବରିଷ୍ଠ ବର୍ଗରେ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ।

